

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୨ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 02 AUGUST 2023

Vol.No. 35 ■ No. 231■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧୩ ଜଣିଆ ସମନ୍ୱୟ କମିଟି ଗଠନ କଲା ଇଣ୍ଡିଆ ମେଣ୍ଟ




ନୂଆଦିଲ୍ଲୀ,୦୧/୦୯ : ବିଜେପି ବିରୋଧରେ ଲଢ଼ିବାକୁ ୨୬ଟି ବିରୋଧୀ ଦଳ ଗଠନ କରିଥିବା ଇଣ୍ଡିଆ ମେଣ୍ଟ ନିଜର ରଣନୀତିକୁ ଆଉ ପାଦେ ଆଗକୁ ବଢ଼ାଇଛି। ମୁମ୍ବାଇରେ ଇଣ୍ଡିଆ ମେଣ୍ଟର ଦୁଇ ଦିନିଆ ମେଗା ବୈଠକରେ ୧୩ ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଛି। ସବୁ ଦଳର ଜଣେ ଲେଖାଏ ସଦସ୍ୟ ଏହି କମିଟିରେ ଅଛନ୍ତି। କିନ୍ତୁ ବିରୋଧୀଙ୍କ ଚେହେରା କୁହାଯାଉଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କିମ୍ବା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସମନ୍ୱୟ କମିଟିରେ ନାହାନ୍ତି। ୧୩ ଜଣିଆ ସମନ୍ୱୟ କମିଟିରେ କଂଗ୍ରେସର କେସି ଭେନୁଗୋପାଲ, ଏନସିପିର ଶରଦ ପାୱାର, ଡିଏମକେର ଏମକେ ଷ୍ଟାଲିନ, ଶିବସେନା(ଉଦ୍ଧବ ବାଲାସାହେବ ଠାକରେ)ର ସଞ୍ଜୟ ରାଉତ, ଜେଡିୟୁର ଲଲନ ସିଂହ, ଆରଜେଡିର ତେଜସ୍ୱୀ ଯାଦବ, ଟିଏମସିର ଅଭିଷେକ ବାନାର୍ଜୀ, ଆପ୍‌ର ରାଘବ ଚଡ୍ଡା, ସପାର ଜାଭେଦ ଅଲୀ ଖାନ, ଜେଏମଏମର ହେମନ୍ତ ସୋରେନ, ସିପିଆଇର ଡି ରାଜା, ଏନସିର ଓମାର ଅବଦୁଲ୍ଲା ଓ ପିଡିପିର ମେହବୁବା ମୁଫତି ରହିଛନ୍ତି। ଏହି ସମନ୍ୱୟ କମିଟିର ଦଳର ଯୋଗାଯୋଗ ଓ ପ୍ରଚାର ରଣନୀତି ପ୍ରସ୍ତୁତ କରିବ। ଏଥିସହ ବିଭିନ୍ନ ପ୍ରକାରର ବୈଠକ ଓ ରାଲି ସମ୍ପର୍କରେ ମଧ୍ୟ ନିଷ୍ପତ୍ତି ନେବ। ଅନ୍ୟପକ୍ଷରେ ମୁମ୍ବାଇରେ ଅନୁଷ୍ଠିତ ଦୁଇ ଦିନିଆ ବୈଠକରେ ଏକାଧିକ ସଂକଳ୍ପ ମଧ୍ୟ ଇଣ୍ଡିଆ ମେଣ୍ଟ ପାରିତ କରିଛି। ସଂକଳ୍ପରେ ସବୁ ଦଳ ଯଥାସମ୍ଭବ ଏକାଠି ଆସନ୍ତା ଲୋକସଭା ନିର୍ବାଚନ ଲଢ଼ିବେ। ମେଣ୍ଟର ଥିମ ବା ନାରା ରହିବ 'ଜୁଡେଗା ଭାରତ, ଜିତେଗା ଇଣ୍ଡିଆ।' ଏହାକୁ ବିଭିନ୍ନ ଭାଷାରେ ପ୍ରଚାର ଅଂଶ ବିଶେଷ କରାଯିବ। ଇଣ୍ଡିଆ ମେଣ୍ଟରେ ଥିବା ଦଳଗୁଡ଼ିକ ଦେଶର ବିଭିନ୍ନ ପ୍ରାନ୍ତରେ ଏକାଠି ରାଲି କରିବେ। ଲୋକଙ୍କ ସହ ଜଡ଼ିତ ପ୍ରସଙ୍ଗ ଓ ଗୁରୁତ୍ୱ ବହନ କରୁଥିବା ବିଷୟବସ୍ତୁ ହିଁ ଫୋକସରେ ରହିବ ବୋଲି ପାରିତ ହୋଇଥିବା ସଂକଳ୍ପରେ କୁହାଯାଇଛି। ତେବେ ଇଣ୍ଡିଆ ମେଣ୍ଟ ପକ୍ଷରୁ ମୁମ୍ବାଇରେ ଆୟୋଜିତ ବୈଠକରେ ମଧ୍ୟ ସିଟ୍ ଶେୟାରିଂ ଫର୍ମୁଲା ଚୂଡ଼ାନ୍ତ ହୋଇପାରନି। ଖୁବଶୀଘ୍ର ଏହା ଉପରେ ନିଷ୍ପତ୍ତି ନିଆଯିବ ଓ ସମସ୍ତଙ୍କୁ ସାଙ୍ଗରେ ନେଇ ସବୁ କଥା କରାଯିବ ବୋଲି ମେଣ୍ଟ ପକ୍ଷରୁ କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲେ ବିରୋଧୀ ମେଣ୍ଟ ଇଣ୍ଡିଆ ଗୋଟିଏ ନୂଆ ପ୍ୟାନେଲ ଗଠନ କରିବ। ଏହି ପ୍ୟାନେଲ ହିଁ ମେଣ୍ଟର ସିଟ୍ ଶେୟାରିଂ ଫର୍ମୁଲା କଥା ବୁଝିବ।

## ବାଲେଶ୍ୱରରେ ବଧୂ ହତ୍ୟା ଅଭିଯୋଗ



ବାଲେଶ୍ୱର, ୦୧/୦୯ (ନି.ପ୍ର): ବାଲେଶ୍ୱର ସହଦେବଖୁଣ୍ଟା ଥାନା କୁଅଁ ଛକ ନିକଟରେ ଥିବା ଶାଶୁ ଘର ଲୋକ ବଧୂ ଇତିଶ୍ରୀ ପଣ୍ଡାଙ୍କୁ ପିଟି ପିଟି ହତ୍ୟା କରିଥିବା ପରେ ରଶି ରେ ଝୁଲାଇ ଦେଇଥିବା ଅଭିଯୋଗ ଆଣିଲେ ମୃତ ମହିଳାଙ୍କ ପରିବାର । ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ମୃତ ଇତିଶ୍ରୀଙ୍କ ବାପ ଘର ଲୋକ। ଇତଶ୍ରୀଙ୍କ ଆଣ୍ଠୁ, ହାତ ଓ ଗୋଡରେ ଦାଗ ରହିଛି। ତାଙ୍କୁ ଶାଶୁ ଘର ଲୋକ ମିଶି ହତ୍ୟା କରିଥିବା ଇତିଶ୍ରୀର ଭାଇ ସହଦେବଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଇତିଶ୍ରୀର ବାହାଘର ମାତ୍ର ୩ ବର୍ଷ ହୋଇଥିଲା। ଶାଶୁ ଘର ଲୋକ ଅଧିକ ଯୌତୁକ ମାଗୁଥିବା ବେଳେ ଗର୍ଭ ନଷ୍ଟ ଯୋଗୁଁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିଲେ। ରାକ୍ଷୀ ପୂର୍ଣ୍ଣିମାରେ ବାଲେଶ୍ୱର ଆଜିମାବାଦରେ ଥିବା ବାପ ଘରକୁ ଶେଷଥର ପାଇଁ ଆସିଥିଲେ। ଶାଶୁ ଘରକୁ ଯିବା ପରେ ବୋହୂର ମୃତ୍ୟୁ ସମ୍ପର୍କରେ ବାପ ଘରକୁ ଖବର ଦିଆଯାଇଥିଲା।

## ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ ଆରଆଇ

ଜୟପୁର, ୦୧/୦୯ (ନି.ପ୍ର): ପାଞ୍ଚ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମୟୂରଭଞ୍ଜ ଜିଲ୍ଲା ବାଦାମପାହାଡ଼ ତହସିଲର ଜୟପୁର ସର୍କଲର ରାଜସ୍ୱ ନିରୀକ୍ଷକ (ଆରଆଇ) ରାକେଶ କୁମାର ପାତ୍ର। ବାଦାମପାହାଡ଼ ତହସିଲର ଜଣେ ବ୍ୟକ୍ତିଙ୍କର ୫ଟି ପ୍ଲଟର ଚିହ୍ନଟ କାର୍ଯ୍ୟ ପାଇଁ ଆରଆଇ ରାକେଶ ପାତ୍ର ୫୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଉକ୍ତ ବ୍ୟକ୍ତି ଜଣଙ୍କ ଭିଜିଲାନ୍ସକୁ ଜଣାଇଥିଲେ। ଆଜି ଆରଆଇ ରାକେଶ କୁମାର ପାତ୍ର ଲାଞ୍ଚ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଏହା ପରେ ରାକେଶ କୁମାର ପାତ୍ରଙ୍କ ଦୁଇଟି ଠିକଣାରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଛି।

## ଶବ ସତ୍କାର କରିବାକୁ ଯାଇ ନିଜେ ପାଲଟିଗଲେ ଶବ

ନବରଙ୍ଗପୁର, ୦୧/୦୯ (ନି.ପ୍ର): ସମ୍ପର୍କୀୟଙ୍କ ଶବ ସତ୍କାର କରିବାକୁ ଶ୍ମଶାନକୁ ଯାଇଥିବା ଜଣେ ବ୍ୟକ୍ତି ନିଜେ ପାଲଟିଗଲେ ଶବ। ଘଟଣାଟି ଘଟିଛି ନବରଙ୍ଗପୁର ଜିଲ୍ଲା ଝରିଗାଁରେ। ମୃତ ବ୍ୟକ୍ତିଙ୍କ ନାଁ ରଇନୁ ନାୟକ (୪୦)। ଝରିଗାଁ ଅଞ୍ଚଳର ସୁଲୋଚନା ନାୟକ ନାମକ ଜଣେ ବୃଦ୍ଧାଙ୍କର ଆଜି ପରଲୋକ ହୋଇଥିଲା। ତାଙ୍କ ଶବ ସତ୍କାର କରିବାକୁ ଦିନ ପ୍ରାୟ ୧୧ଟା ବେଳେ ତାଙ୍କ ସମ୍ପର୍କୀୟ ଓ ପାଖ ପଡ଼ିଶା ଲୋକେ ଶ୍ମଶାନରେ ଏକାଠି ହୋଇଥିଲେ। ସେମାନଙ୍କ ମଧ୍ୟରେ ରଇନୁ ମଧ୍ୟ ଥିଲେ। ସୁଲୋଚନାଙ୍କ ଶବ ସତ୍କାର ପାଇଁ ଶ୍ମଶାନରେ ପ୍ରସ୍ତୁତି ଚାଲିଥିବା ବେଳେ ରଇନୁ ତଳେ ପଡ଼ିଯାଇଥିଲେ। ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଇନୁଙ୍କ ଏଭଳି ମୃତ୍ୟୁ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛନ୍ତି। ରଇନୁ କୁଲି ମଜୁରୀ କରି ପରିବାର ଚଳାଉଥିଲେ। ତାଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ରଇନୁଙ୍କ ପତ୍ନୀ ଓ ଏକ ୬ ବର୍ଷର ପୁଅ ଅଛନ୍ତି।

## 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଦିଗରେ ବଡ଼ ପଦକ୍ଷେପ: ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ସରକାର ଗଠନ କଲେ କମିଟି

ନୂଆଦିଲ୍ଲୀ,୦୧/୦୯ : 'ୱାନ୍ ନେସନ, ୱାନ ଇଲେକ୍ସନ' ବା 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ପ୍ରସ୍ତାବ ଉପରେ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ସରକାର। ଗଠନ କରିଛନ୍ତି କମିଟି। ପୂର୍ବତନ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ଏହି କମିଟିର ମୁଖ୍ୟ ରହିବେ। 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ପ୍ରସଙ୍ଗ ସଂପର୍କିତ ସମସ୍ତ ଦିଗକୁ ପରଖି ଏହି କମିଟି ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବେ। ଏହି କମିଟିର ମୁଖ୍ୟ ପୂର୍ବତନ ରାଷ୍ଟ୍ରପତି ରାମ ନାଥ କୋବିନ୍ଦ ହେବେ ବୋଲି ଘୋଷଣା କରାଯାଇଥିବା ବେଳେ କେଉଁମାନେ ସଦସ୍ୟ ରହିବେ, ତାହା ଜଣାପଡ଼ିନାହିଁ। ଏନେଇ ପରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି। ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ ବୋଲି ଗତକାଲି କେନ୍ଦ୍ର ସରକାର ଘୋଷଣା କରିଥିବା ବେଳେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ▶▶ପୃଷ୍ଠା ୭



## ଦିଗପହଣ୍ଡି ଜିଲ୍ଲାପରିଷଦ ସଦସ୍ୟ ବିପିନ ପ୍ରଧାନ ବିଜେଡିରୁ ବହିଷ୍କୃତ

ଦିଗପହଣ୍ଡି , ୦୧/୦୯ (ନି.ପ୍ର): ଦିଗପହଣ୍ଡି ଜିଲ୍ଲାପରିଷଦ ସଦସ୍ୟ ବିପିନ ପ୍ରଧାନଙ୍କୁ ବିଜେଡି ଦଳରୁ ବହିଷ୍କୃତ କରାଯାଇଛି। ଦଳ ବିରୋଧୀ କାମ ପାଇଁ ବିପିନଙ୍କୁ ଦଳରୁ ବାହାର କରିଦିଆଯାଇଥିବା ପ୍ରେସ ରିଲିଜ୍ ମାଧ୍ୟମରେ ସୂଚନା ଦେଇଛନ୍ତି ରାଜ୍ୟ ସମ୍ପାଦକ ମାନସ ମଙ୍ଗରାଜ। ଗତକାଲି ବ୍ଲକ ଅଧ୍ୟକ୍ଷ ନିର୍ବାଚନକୁ ନେଇ ଗଂଜାମ ଜିଲ୍ଲା ଦିଗପହଣ୍ଡିରେ ଉତ୍ତେଜନା ଦେଖାଦେଇଥିଲା। ବିନା କୌଣସି ପୂର୍ବ ସୂଚନାରେ ନିର୍ବାଚନ ସ୍ଥଗିତ କରି ଦିଆଯାଇଥିଲା। ଏହାକୁ ନେଇ ବିଜେଡିର ଗୋଟିଏ ଗୋଷ୍ଠୀ ସୂର୍ଯ୍ୟ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ର ଓ ଆର ଗୋଷ୍ଠୀ ବିପିନ ପ୍ରଧାନଙ୍କ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ଭୋଟ ବାତିଲ କରାଯିବାକୁ ନେଇ ବିପିନଙ୍କ ସମର୍ଥକ ମାନେ ରାସ୍ତା ରୋକ କରିବା ସହ ହୋହାଲ୍ଲା କରିଥିଲେ। ଏହାସହ ବିପିନଙ୍କ ସମର୍ଥକମାନେ ବ୍ଲକ ଅଫିସରେ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ପରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ବିପିନି କ'ଣ ଦଳ ବିରୋଧୀ କାର୍ଯ୍ୟ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ଦୁଇ ମାସ ପୂର୍ବରୁ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ମୃତ୍ୟୁ ପରେ ବ୍ଲକ ଅଧ୍ୟକ୍ଷ ପଦ ଖାଲିପଡ଼ିଥିଲା।

## ଆଜି ଉତ୍କ୍ଷେପଣ ହେବ ଆଦିତ୍ୟ ଏଲ-୧



ନୂଆଦିଲ୍ଲୀ,୦୧/୦୯ : ଚନ୍ଦ୍ରଯାନ-୩ର ସଫଳତା ପରେ ଆସନ୍ତାକାଲି ଇସ୍ରୋ ଆରମ୍ଭ କରିବ ସୌର ମିଶନ । ଶନିବାର ଦିନ ୧୧.୫୦ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାରୁ ଉତକ୍ଷେପଣ କରାଯିବ ଆଦିତ୍ୟ ଏଲ୧ । ଏଥିପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି ତଥା ରିହର୍ସଅଲ । ଏବେ ଆରମ୍ଭ ହୋଇଗଲାଣି କାଉଣ୍ଟଡାଉନ୍ । ପୃଥିବୀଠୁ ସୂର୍ଯ୍ୟ ପ୍ରାୟ ୧୫ କୋଟି କିଲୋମିଟର ଦୂରରେ ଥିବା ବେଳେ ଏହାର ଶହେ ଭାଗରୁ ୧ ଭାଗ ଦୂରତା ଅତିକ୍ରମ କରିବ ଆଦିତ୍ୟ ଏଲ -୧। ଅର୍ଥାତ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରତାରେ ରହି ସୂର୍ଯ୍ୟଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଇସ୍ରୋ ଲକ୍ଷ୍ୟ ରଖିଛି। ଇସ୍ରୋ ପକ୍ଷରୁ ଆଦିତ୍ୟ ଏଲ-୧ ପୃଥିବୀଠୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ଆର୍ଥ-ସନ୍ ସିଷ୍ଟମର ପ୍ରଥମ ଲଗରାଞ୍ଜିଆନ୍ ପଏଣ୍ଟ୍ ବା ଏଲ-୧ର ଏକ ହାଲୋ ଅର୍ବିଟରେ ଅବସ୍ଥାପିତ ହେବ। ସେଠାକୁ ଯିବା ପାଇଁ ପ୍ରାୟ ୪ ମାସ ସମୟ ଲାଗିବ। ଏହି ସ୍ଥାନରେ ପୃଥିବୀ ଓ ସୂର୍ଯ୍ୟର ଚୁମ୍ବକୀୟ ଶକ୍ତି ପ୍ରାୟ ସମାନ। ତେଣୁ ସେଠାରେ କୌଣସି ବସ୍ତୁ ଅବସ୍ଥାପିତ ହେଲେ, ତାହା ସେହି ସ୍ଥାନରେ ହିଁ କାର୍ଯ୍ୟକ୍ଷମ ହେବ। ସେଠାରେ ପରାଗ ବା ଗ୍ରହଣର କୌଣସି ପ୍ରଭାବ ପଡୁନଥିବାରୁ ▶▶ପୃଷ୍ଠା ୭

## 'ଆମ ଓଡ଼ିଶା ନବୀନ ଓଡ଼ିଶା'କୁ ଅଦାଲତି ଝଟକା




ଭୁବନେଶ୍ୱର, ୦୧/୦୯ (ନି.ପ୍ର): ଆମ ଓଡିଶା ନବୀନ ଓଡିଶା ଯୋଜନାକୁ ଅଦାଲତି ଛାଟ । ଯୋଜନାର କାର୍ଯ୍ୟକାରିତାରେ ପଞ୍ଚାୟତର ସ୍ୱାର୍ଥ ଏବଂ ଗ୍ରାମସଭାକୁ ଉପେକ୍ଷା କରାଯାଉଥିବା ଅଭିଯୋଗ ଉପରେ ସରକାରଙ୍କୁ ରିପୋର୍ଟ ତଲବ୍ କରିଛନ୍ତି ହାଇକୋର୍ଟ । ଏଥିସହ ଯେଉଁ ଢଙ୍ଗରେ ଯୋଜନା କାର୍ଯ୍ୟକାରୀ ହେଉଛି ତାହା ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାର ପରିପନ୍ଥୀ ବୋଲି କୋର୍ଟ ମତ ଦେଇଛନ୍ତି । ଯାହାକୁ ନେଇ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ଜନପ୍ରତିନିଧି ଓ ପଲ୍ଲୀସଭାକୁ ବାଇପାସ୍ କରି ଚାଲିଛି କି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ? ଗାଇଡଲାଇନ ଉଲ୍ଲଂଘନ କରୁଛନ୍ତି କି ସରକାରୀ ଅଧିକାରୀ ? ଦଳୀୟ ଭିତ୍ତିରେ ହେଉଛି କି ପ୍ରକଳ୍ପ ଚୟନ ? ଆମ ଓଡିଶା ନବୀନ ଓଡିଶା ଯୋଜନାକୁ ହାଇକୋର୍ଟ ଝଟକା ପରେ ଉଠିଛି ଏମିତି ପ୍ରଶ୍ନ । ଯୋଜନାର କାର୍ଯ୍ୟକାରିତା ବେଳେ ପଞ୍ଚାୟତ ଆଇନ ଏବଂ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଙ୍ଘନ ଅଭିଯୋଗ କରି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ ବାଲେଶ୍ୱର ବସ୍ତା ବ୍ଲକର ୯ଟି ପଞ୍ଚାୟତର ସରପଞ୍ଚ। ସେମାନଙ୍କ ଅଭିଯୋଗ ଥିଲା ଗାଇଡ୍ ଲାଇନ୍ ମୁତାବକ ପଞ୍ଚାୟତ ପ୍ରତିନିଧି ମାନେ ପ୍ରକଳ୍ପ ତାଲିକା ଦେବେ, ଜିଲ୍ଲାପାଳ ପ୍ରକଳ୍ପ ଫାଇନାଲ କରିବେ । ବିଭାଗ କାମ କରିବେ ।

▶▶ପୃଷ୍ଠା ୭

## ମେଡିକାଲ ଓ ଇଞ୍ଜିନିୟରିଂ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଫି' ଦେବେ ସରକାର



ଭୁବନେଶ୍ୱର, ୦୧/୦୯ (ନି.ପ୍ର): ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସଚିବ ରୂପାରୋଶନ ସାହୁ ଆଜି ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହି ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ରାଜ୍ୟର ସମସ୍ତ ସରକାରୀ ମେଡିକାଲ ଓ ଇଞ୍ଜିନିୟରିଂ କଲେଜରେ ପଢୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ ଦେଇଥିବା ଫି' ସେମାନଙ୍କୁ ଫେରସ୍ତ ହେବ । କୋର୍ସ ଫି'ରେ ନାମଲେଖା ଦେୟ, ସିଟ୍ ଗ୍ରହଣ ଦେୟ, ପ୍ରାରମ୍ଭିକ ଜମା, ବାର୍ଷିକ ପାଠ୍ୟକ୍ରମ ଫି'(ଟ୍ୟୁସନ ଫି ଓ ଅନୁଷ୍ଠାନକୁ ସମସ୍ତ ବାଧ୍ୟତାମୂଳକ ଦେୟ), ହଷ୍ଟେଲ ନାମଲେଖା ଦେୟ ଓ ବାର୍ଷିକ ହଷ୍ଟେଲ/ମେସ୍ ଚାର୍ଜ ସମେତ ପାଠପଢ଼ା ପାଇଁ ଅନ୍ୟାନ୍ୟ ଆନୁସଙ୍ଗିକ ଖର୍ଚ୍ଚ ଯଥା ବହି, କୋଚିଂ ସାମଗ୍ରୀ, ଟ୍ୟୁଟେରିଆଲ ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବେ । ରାଜ୍ୟ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ସଚିବ ରୂପାରୋଶନ ସାହୁ ଗୁରୁବାର ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଏହି ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, 'ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା'ରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀମାନଙ୍କୁ ରାଜ୍ୟ ବଜେଟରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ।

▶▶ପୃଷ୍ଠା ୭

## ୩ରେ ଘୂର୍ଣ୍ଣିବଳୟ: ୫ରେ ଲଘୁଚାପ କ୍ଷେତ୍ର

ଭୁବନେଶ୍ୱର, ୦୧/୦୯ (ନି.ପ୍ର): ଆସନ୍ତା ୩ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ପରବର୍ତ୍ତୀ ୪୮ ଘଣ୍ଟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ୩ ତାରିଖରୁ ପାଗର ପରିବର୍ତ୍ତନ ହେବ। ବାୟୁ ଚଳନରେ ପରିବର୍ତ୍ତନ ସମ୍ଭାବନା ହେତୁ ରାଜ୍ୟରେ ୩ ତାରିଖରୁ ବର୍ଷାର ବିସ୍ତୃତି ବଢିବ। ତେବେ ୩ ଓ ୪ ତାରିଖରେ ରାଜ୍ୟରେ କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ସେପ୍ଟେମ୍ବର ୧ ତାରିଖରେ ତଥା ଆଜି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଦେବଗଡ଼ ,ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ କେତେକ ସ୍ଥାନରେ ସାମାନ୍ୟ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ବାରିପଦାଠାରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୩ ପାଳିତ



ବାରିପଦା, ୦୧/୦୯ (ନି.ପ୍ର): ଆଜି ବାରିପଦା ପୌରପାଳିକା ଆନୁକୂଲ୍ୟରେ ରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୩ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ବିନୀତ ଭରଦ୍ୱାଜ ଓ ସମ୍ମାନିତ ଅତିଥି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବି ଗଙ୍ଗାଧର, ନଗରପାଳ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳିକା ଶ୍ରୀମତୀ ସୀମା ଦାସ, ନିର୍ବାହୀ ଅଧିକାରୀ ଶ୍ରୀ ବସନ୍ତ କୁମାର ସେଠୀ ଓ ଅନ୍ୟାନ୍ୟ କାଉନସିଲର ବୃନ୍ଦ ଉତ୍କଳମଣି ଗୋପବନ୍ଧୁ ଙ୍କ ପ୍ରତିମୂର୍ତ୍ତି ରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହାପରେ ମୁଖ୍ୟ ଅତିଥି ଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଂଗୀତ ପରିବେଷଣ ପୂର୍ବକ ଜାତୀୟ ପତାକା କୁ ସମ୍ମାନ ପଦର୍ଶନ କରାଯାଇ ଥିଲା। ଏହାପରେ ନିମନ୍ତ୍ରିତ ଅତିଥି ବୃନ୍ଦ ଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ ନଗରପାଳ ଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାରମ୍ଭ ରେ ନଗରପାଳ ବାରିପଦା ପୌରପାଳିକା ର ଉପଲବ୍ଧି ତଥା ପୌର ପାଳିକା ଦ୍ୱାରା ହାତକୁ ନିଆଯାଇଥିବା ନଗର ଉନ୍ନୟନ ବିଭାଗ ର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ/ଯୋଜନା ସମ୍ବନ୍ଧ ରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ତାଙ୍କ ଅଭିଭାଷଣ ରେ କହିଥିଲେ କି ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ଙ୍କ ଦ୍ୱାରା ସର୍ବ ପୁରାତନ ପୌରପାଳିକା ଆଜି ସବୁଥିରେ ଆଗୁଆ ହୋଇ ତାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ବର୍ଜ୍ୟବସ୍ତୁ କୁ ଉତ୍ତମ ପରିଚାଳନା ଜରିଆରେ ଜୈବିକ ସାର ଉତ୍ପାଦନ କରିବାରେ ବାରିପଦା ପୌରପାଳିକା ପ୍ରଥମ ଏବଂ ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଏସ ଏଚ ଜି ଗ୍ରୁପ ର ମହିଳା ମାନେ ତୁଲାଉଛନ୍ତି। ଏହି **waste** କୁ ଆମେ **wealth** କୁ ରୂପାନ୍ତରିତ କରି ପାରିଛୁ ଏବଂ **SHG** ଆଜି **MSME** କୁ ରୂପାନ୍ତରିତ ହୋଇ ପାରିଛି। ସମ୍ମାନିତ ଅତିଥି ଶ୍ରୀ ବି ଗଙ୍ଗାଧର ମହାତ୍ମା ଗାନ୍ଧୀଙ୍କ ଏହି ଅଭିନବ ସ୍ୱପ୍ନର ପରିକଳ୍ପନା ଆଜି ବାସ୍ତବତା ରେ ପରିଣତ ହୋଇଛି ବୋଲି ପ୍ରକାଶ କରିଥିଲେ। ନିର୍ବାହୀ ଅଧିକାରୀ ଶ୍ରୀ ସେଠୀ ଆଗାମୀ ଦିନରେ ଜନସାଧାରଣ ଙ୍କ ସହଭାଗୀତା ରେ ବାରିପଦା ପୌରପାଳିକା ର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁ ସ୍ତରରେ ଉଦ୍ୟମ ଜାରିରହିବ ବୋଲି ପ୍ରକାଶ କରିଥିଲେ। ଉପାଧକ୍ଷ୍ୟ ଶ୍ରୀମତୀ ସୀମା ଦାସ ତାଙ୍କ ତତ୍ତ୍ୱାବଧାନ ରେ ସ୍ୱଚ୍ଛ ବାରିପଦା ସୁସ୍ଥ ବାରିପଦା ଅଭିଯାନ କୁ ତାଙ୍କର ପୁରା ଟିମ ର ସହାୟତା ରେ କିପରି କାର୍ଯ୍ୟକାରି କରାଯାଉଛି ସେ ବିଷୟରେ ଉଲ୍ଲେଖ କରିବା ସହିତ ଏଥି ନିମନ୍ତେ ବାରିପଦା ବାସୀଙ୍କ ସହଯୋଗ ନିଶ୍ଚିତ ଭାବେ ସ୍ୱାଗତ ଯୋଗ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ସଭା କାର୍ଯ୍ୟ ଶେଷରେ ୨୩ ନମ୍ବର ୱାର୍ଡ ର କାଉନସିଲର ଶ୍ରୀ ଅନନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥି ବୃନ୍ଦ ୧୪ ଜଣ ଦିବ୍ୟାଙ୍ଗ ବ୍ୟକ୍ତିବିଶେଷଙ୍କୁ **wheel cycle** ପ୍ରଦାନ କରିବା ସହ ବାହାନଗା ରେଳ ଦୁର୍ଘଟଣା ରେ ଉଦ୍ଧାର କାର୍ଯ୍ୟରେ ତାଙ୍କର ମହତ ସେବା ପ୍ରଦାନ ପାଇଁ ୬୨ ଜଣ ସଫେଇ କର୍ମଚାରୀ, ପୌର ପାଳିକା ରେ ନିୟୋଜିତ ଥିବା ଅନ୍ୟାନ୍ୟ ୨୨ ଜଣ ସଫେଇ କର୍ମଚାରୀ ଓ ପରିଚାଳକ ଏବଂ **MCC plant** ର ପରିଚାଳନା ଦାୟିତ୍ୱ ରେ ଥିବା ୬ ଜଣଙ୍କୁ ମାନପତ୍ର ଓ ସାଲ ପ୍ରଦାନ କରି ପୁରସ୍କୃତ କରିଥିଲେ। ଏହାପରେ ପୌର କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ବିଭିନ୍ନ ମହିଳା ସମିତି ଦ୍ୱାରା ଉତ୍ପାଦିତ ସାମଗ୍ରୀର ୩୦ ଟି ପ୍ରଦର୍ଶନୀ ଷ୍ଟଲ କୁ ଉଦଘାଟନ କରିଥିଲେ। ପରେ ପରେ ନିମନ୍ତ୍ରିତ ଅତିଥି ବୃନ୍ଦ ସହର ସ୍ଥିତ ବାରିପଦା ଆକାଶବାଣୀ କେନ୍ଦ୍ର ନିକଟରେ ଜନସାଧାରଣ ଙ୍କ ପାଇଁ ନିର୍ମିତ ଲୁ (ପରିଶ୍ରାଗାର ), ରିଜର୍ଭ ପୋଲିସ ଠାରେ ଏକ ପାର୍କ ଓ ଗୋପବନ୍ଧୁ ବାଳାଶ୍ରମ ଠାରେ ଏକ **dyning** ହଲ ର ଶୁଭଉଦଘାଟନ କରିଥିଲେ।

# ଚମ୍ପୁଆରେ ସ୍ୱାୟତ୍ତ ଶାସନ ଦିବସ ପାଳିତ

ଚମ୍ପୁଆ, ୦୧/୦୯ (ନି.ପ୍ର): ଚମ୍ପୁଆ ଏନଏସି ପକ୍ଷରୁ ଆଜି ସ୍ୱାୟତ ଶାସନ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରାତଃ ରୁ ପ୍ରଭାତଫେରିର ଆୟୋଜନ କରାଯିବା ପରେ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ତତ୍ୱାବଧାନରେ ଚମ୍ପୁଆ ଗାନ୍ଧୀ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତି, କୋର୍ଟ ପରିସରରେ ଥିବା ମଧୁସୂଦନ ଦାସ ଓ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି, ନେହେରୁ ଷ୍ଟାଡିଅମ ନିକଟରେ ଥିବା ବିପ୍ଲବୀ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ବିଭାଗ ତରଫରୁ ଡାକ୍ତରଖାନାରେ ଫଳ ବଂଟନ କରା ଯାଇଥିବାବେଳେ ଚମ୍ପୁଆ ଧରଣୀଧର ନଗର ଭବନ ଠାରେ ଏକ କାର୍ଯ୍ୟକ୍ରମ ଏନ ଏ ସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷ ଗିରିଜା ଶଙ୍କର ସାହୁ, ଉପାଧକ୍ଷା ସୁମିତ୍ରା ବେହେରାଙ୍କ ସହିତ ସମସ୍ତ କାଉନସିଲର, ସ୍ୱଚ୍ଛ ସାଥି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ଏନଏସି କର୍ମଚାରୀଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ସାୟତ ଶାସନ ଦିବସ ଅବସରରେ ଚମ୍ପୁଆ ଠାରେ ଏକ ନୂତନ ଆହାର ରୋଷେଇ ଗୃହ ର ଉଦଘାଟନ ଏନ ଏ ସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ଦ୍ୱାରା ଉଦଘାଟନ ହୋଇ ଯାଇଛି । ସେହିପରି ଚମ୍ପୁଆ ଡାକ୍ତରଖାନା ପରିସରରେ ସର୍ବସାଧାରଣ ପରିସ୍ରାଗାର ଓ ଶୌଚାଳୟ ଉଦଘାଟନ କାର୍ଯ୍ୟକ୍ରମରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ରମାକାନ୍ତ ସାହୁ, ଓ ଚମ୍ପୁଆର ବରିଷ୍ଠ ନାଗରିକ ମୁସଲିମ ଅଖତାରଙ୍କ ହାତରେ ଫିତା କାଟି ଉଦଘାଟନ କରାଯାଇଥିଲା । ପରେ ପାଂଚପୋଖରୀଆ ଠାରେ ଥିବା ଏକ ପାର୍କକୁ ବିଭାଗ ତରଫରୁ ଦେୟ ମୁକ୍ତ କରାଯାଇ ଏହାର ଦାୟିତ୍ୱ ଏକ ସ୍ୱୟଂ ସହାୟିକା ଗୋଷ୍ଠୀକୁ ହସ୍ତାନ୍ତର କରାଯାଇଥିଲା । ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଗୁଡିକୁ ସହକାରୀ ଯନ୍ତ୍ରୀ ସୁଧାକର ଦାସ, ବିଜୟ କୁମାର ମିଶ୍ର, ପ୍ରକାଶ ଚନ୍ଦ୍ର କୁଣ୍ଡୁ, ଅନନ୍ତ ଚରଣ ସାହୁ ପ୍ରମୁଖ ପରିଚାଳନା କରିଥିବାବେଳେ ଏନଏସି ର ସ୍ୱଚ୍ଛ ସାଥି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହିତ ସମସ୍ତ କାଉନସିଲର ସହଯୋଗ କରିଥିଲେ।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ବସ୍ତା ୦୧/୦୯ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ବାଖରବାଦ ଗ୍ରାମର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ମୃତ ଯୁବକ ହେଲେ ଏହି ଗ୍ରାମର ଅନନ୍ତ ସିଂ ଙ୍କ ପୁଅ ପଦ୍ମଲୋଚନ ସିଂ (୨୨)। ପାରିବାରିକ କଳହକୁ କେନ୍ଦ୍ର କରି ସେ ଘରେ ଥିବା କୀଟନାଶକ ବିଷ ପିଇ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଏ ନେଇ ଥାନାରେ ୧୪/୨୩ ନଂ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଛି । ମୃତ ଯୁବକଜଣକ ବିବାହିତ ଅଟନ୍ତି ।

## ପାଣିକୋଇଲି ହାଇସ୍କୁଲର ପ୍ରଧାନଶିକ୍ଷକଙ୍କ ଅବସର ଗ୍ରହଣ

କୋରେଇ, ୦୧/୦୯ (ନି.ପ୍ର): ପାଣିକୋଇଲିସ୍ଥିତ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ସତ୍ୟବାଦୀ ପାତ୍ରଙ୍କୁ ଆଜି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପ୍ରାଙ୍ଗଣରେ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ଗାୟତ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶଶୀଧର ସିଂ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ "ଓସ୍ତା'ର ଅମୂଲ୍ୟ କୁମାର ଦାସ ଯୋଗ ଦେଇଥିଲେ ଓ ସମ୍ମାନୀୟ ଅତିଥ ଭାବେ ' ଓସ୍ତା'ର ପ୍ରାକ୍ତନ ଜିଲ୍ଲା ସଭାପତି ସନ୍ତୋଷ ବିଶ୍ୱାଳ,ମକୁନ୍ଦପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟନ୍ତ ସାମଲ,ମୁଗୁପାଳ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ଦାସ , ବାପୁଜୀ ଉଚ୍ଚ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୃସିଂହ ଚରଣ ଜେନା, ରେଖାଦେଇପୁର ହାଇସ୍କୁଲର ଘନଶ୍ୟାମ ସାହୁ, ରୁଢିଆ ହାଇସ୍କୁଲର ପ୍ରଧାନଶିକ୍ଷୟତ୍ରୀ ଅଳକାନନ୍ଦା ଦାସ, ବିଣାପାଣୀ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷୟତ୍ରୀ ଯୁଗ୍ମପ୍ରଭା ସାବତ, ତୁଳତୀ ହାଇସ୍କୁଲର ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ରାଉତ, ପ୍ରଧାନଶିକ୍ଷକ ଅନ୍ନପୂର୍ଣ୍ଣା ମିଶ୍ର,ଓ ପାଣିକୋଇଲି ହାଇସ୍କୁଲର ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ସଂଗ୍ରାମ କେଶରୀ ପହୀ ଉପସ୍ଥିତ ଥିଲେ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ମୁସାଡିଆ ୟୁପି ବିଦ୍ୟାଳୟରେ ନୂତନ ଶୌଚାଳୟ ନିର୍ମାଣ




ପାରାଦ୍ୱୀପ, ୦୧/୦୯ (ନି.ପ୍ର): ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ)ର ସିଏସ୍ଆର୍ ୱିଙ୍ଗ୍ ଜଗତ୍‌ସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ମୁସାଡିଆ ଉପର ପ୍ରାଥମିକ (ୟୁପି) ବିଦ୍ୟାଳୟରେ ନୂତନ ଶୌଚାଳୟ ବ୍ଲକ୍ ନିର୍ମାଣ କରିଛି। ଯଦ୍ୱାରା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଉପକୃତ ହେବେ । ଏହି ଶୌଚାଳୟ ଏଏମ୍/ଏନ୍ଏସ୍ ଇଣ୍ଡିଆର ସିଏସ୍ଆର୍ ମୁଖ୍ୟ ବିକାଶ ଯାଦବେନ୍ଦୁଙ୍କ ଦ୍ୱାରା ମୁସାଡିଆ ୟୁପି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ରାଉତ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ତଥା ଅଣଶିକ୍ଷକ କର୍ମଚାରୀମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା । ବ୍ଲକରେ ୪ଟି ଶୌଚାଳୟ,୨ଟି ପୁଅ ଓ ୨ଟି ଝିଅଙ୍କ ନିମନ୍ତେ ବ୍ୟବସ୍ଥା ରହିଛି । ଏଥିରେ ବିଶୁଦ୍ଧ ଜଳ ଯୋଗାଣ ଏବଂ ହାତ ଧୋଇବାର ସୁବିଧା ଯୋଗାଇ ଦିଆଯାଇଛି, ଯାହା ଏକ ସୁସ୍ଥ ପରିବେଶ ବଜାୟ ରଖିବାରେ ଉପଯୁକ୍ତ ପରିମଳର ମୂଲ୍ୟ ବୃଦ୍ଧି କରିବ ।

ଏହି ଅବସରରେ ଡ଼ ଯାଦବେନ୍ଦୁ କହିଛନ୍ତି, ଗୁଣାତ୍ମକ ଶିକ୍ଷା ଏବଂ ସମ୍ପ୍ରଦାୟର କଲ୍ୟାଣ ଏକ ଅବିଚ୍ଛେଦ୍ୟ ଲକ୍ଷ୍ୟ । ଆମର ପ୍ରକଳ୍ପ 'ପଢେଗା ଭାରତ' ଅଧୀନରେ ସମାଜରେ ସ୍ୱଚ୍ଛତା ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଦିଗରେ ଆମେ ନିକଟସ୍ଥ ଗ୍ରାମଗୁଡିକରେ ଥିବା ସରକାରୀ ବିଦ୍ୟାଳୟଗୁଡିକର ଭିତିଭୂମିକୁ ଆହୁରି ସୁଦୃଢ କରିବା ଉପରେ ଧ୍ୟାନ ଦେଉଛୁ ଏବଂ ଏହାଦ୍ୱାରା ପିଲାମାନଙ୍କୁ ସମସ୍ତ ଶିକ୍ଷା ସୁବିଧା ମଧ୍ୟ ଯୋଗାଇଦେବୁ । ଆମେ ବିଶ୍ୱାସ କରୁକି ଉପଯୁକ୍ତ ପରିମଳ ଏବଂ ଶୌଚାଳୟ ରୋଗର ବିସ୍ତାରକୁ ହ୍ରାସ କରିବ ଏବଂ ପିଲାମାନଙ୍କର ସ୍ୱାସ୍ଥ୍ୟ ରକ୍ଷା କରିବ ।

# ମେଡିକାଲ କଲେଜ୍ 'ପ୍ରତିଷ୍ଠା ଦିବସ' ଆସନ୍ତା ୩ରେ ଓ 'ପ୍ରେରଣା ଦିବସ' ୫ରେ

ବାଲେଶ୍ୱର, ୦୧/୦୯ (ନି.ପ୍ର): ଫକୀରମୋହନ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ଦିବସ ପାଳନ ପାଇଁ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଶେଷ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ବୈଠକରେ ଅଧକ୍ଷତା କରିଥିଲେ। ପ୍ରତିବର୍ଷ ଏହି ପ୍ରତିଷ୍ଠା ଦିବସ ରେମୁଣାସ୍ଥିତ ମେଡିକାଲ୍ କଲେଜ୍ ପରିସରରେ ପାଳିତ ହୋଇଆସୁଥିବାବେଳେ ଚଳିତବର୍ଷ ମେଡିକାଲ୍ କଲେଜର ନୂତନ ପ୍ରିନ୍‌ସିପାଲ୍-ଡିନ୍ ପ୍ରତିଷ୍ଠା ଦିବସ ଉତ୍ସବ ମେଡିକାଲ୍ କଲେଜ୍ ପରିସରରେ ପାଳନ ପାଇଁ ଅନୁମତି ନଦେବାରୁ ମୁଖ୍ୟଫାଟକ ସମ୍ମୁଖରେ ଏହି ଉତ୍ସବ ଅନୁଷ୍ଠିତ ହେବ ବୋଲି ସାଧାରଣ ସଂପାଦକ ପ୍ରଦୀପ ଦାସ ବୈଠକରେ ଉପସ୍ଥାପିତ କରିଥିଲେ। ପ୍ରିନସିପାଲ୍-ଡିନ୍‌ଙ୍କ ଏପରି ମତ ଉପରେ ବୈଠକରେ ଉପସ୍ଥିତମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ମେଡିକାଲ୍ କଲେଜ୍ କିମ୍ବା ଅନ୍ୟାନ୍ୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନେ ସେମାନଙ୍କ ଅନୁଷ୍ଠାନର ପ୍ରତିଷ୍ଠା ଦିବସ ପାଳନ କରୁଥିବାବେଳେ ପ୍ରିନ୍‌ସିପାଲଙ୍କ ଏପରି ମନୋଭାବକୁ କେତେକ ପ୍ରତିନିଧି ଦୃଢ଼ ବିରୋଧ କରିଥିଲେ। ତେଣୁ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ୍ ପ୍ରତିଷ୍ଠା ପାଇଁ ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ଓ ସଂଗ୍ରାମର ଇତିହାସକୁ ଏହି ଘଟଣା ସେମାନଙ୍କ ସ୍ୱାଭିମାନ ପ୍ରତି ଚରମ ଆଘାତ ବୋଲି ସାଧାରଣରେ ମତପ୍ରକାଶ ପାଇଥିଲା। ପ୍ରତିବର୍ଷ ଭଳି ଚଳିତବର୍ଷ 'ପ୍ରତିଷ୍ଠା ଦିବସ' ରେମୁଣାସ୍ଥିତ ମେଡିକାଲ୍ କଲେଜ୍‌ରେ ଆସନ୍ତା ୩ ତାରିଖ ଓ କ୍ରିୟାନୁଷ୍ଠାନ କମିଟିର 'ପ୍ରେରଣା ଦିବସ' ଆସନ୍ତା ୫ ତାରିଖ ଦିନ ମଲ୍ଲିକାଶପୁରସ୍ଥିତ ଶାନ୍ତିକାନନରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ପାଳିତ ହେବ ବୋଲି ସର୍ବସମ୍ମତି ନିଷ୍ପତ୍ତି ନିଆଯାଇଛି । ଆଜିର ଆଲୋଚନାରେ କୁମୁଦ ରଞ୍ଜନ ଗିରି, ମିନତୀ ଦାସ, ନିରଞ୍ଜନ ରାଉତ, କ୍ରୀଷ୍ଣା ସାହା, ରବିନାରାୟଣ ଭୋଳ, ଲକ୍ଷ୍ମୀପ୍ରିୟା ଜେନା, ଯୋଗେନ୍ଦ୍ର ମାହାର୍ଣ୍ଣା, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ଶତ୍ରୁଘ୍ନ ମଲ୍ଲିକ, ଶ୍ୟାମସୁନ୍ଦର ଜେନା, ଗୌରାଙ୍ଗ ପାଣିଗ୍ରାହୀ, ପୁରୁଷୋତ୍ତମ ବେହେରା, ସରସ୍ୱତୀ ପଣ୍ଡା, ବିଜନ ଦେ, ପ୍ରଭାକର ସାହୁ, ଡ. କ୍ଷିତୀଶ୍ୱର ଦାଶ, ସୀତାନାଥ ଦାସ, ପ୍ରମିତା ଦାସ, ସଂଯୁକ୍ତା ବେହେରା ଓ ସୀତାରାମ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଦୁଇଦିନର କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସଭ୍ୟ/ସଭ୍ୟା ଯୋଗ ଦେବାକୁ ବୈଠକରେ ନିବେଦନ କରାଯାଇଛି। ଇଂ. ହୃଷିକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ମଦ ଦୋକାନରୁ ଏକଲକ୍ଷ ଟଙ୍କା ମଦ ଚୋରି: ୪ ଗିରଫ

ପୁରୀ, ୦୧/୦୯ (ନି.ପ୍ର): ପୁରୀଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅଲାରପୁର ଗ୍ରାମରୁ ୨୦ ତାରିଖ ଦିନ ସରକାରୀ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରୁ ୧ ଲକ୍ଷ ଟଙ୍କାର ମଦ ବୋତଲ ସହ କ୍ୟାସ ବାକ୍ସରୁ ୪୦ ହଜାର ଟଙ୍କା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା । ଏ ସମ୍ପର୍କରେ ଅଲାରପୁରର ମିଲି ସାହୁ ବ୍ରହ୍ମଗିରି ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତିକରି ଥାନା କେସ ନମ୍ବର ୧୭୯/୨୩ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା । ତଦନ୍ତ ଓ ଅନୁସନ୍ଧାନ କରାଯାଇ ମୁନା ଓରଫ ବୁଲୁ ପଲାଇ (୨୨)କୁ ପୋଲିସ ଗିରଫ କରିବା ପରେ ତାର ବୟାନ ଅନୁଯାୟୀ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିଲା । ସେମାନେ ହେଲେ ସେହି ଥାନା ଅନ୍ତର୍ଗତ ଗୋପ ନୂଆସାହିର ଚଗଲା ଓରଫ ଦିପ୍ତୀରଞ୍ଜନ ସେଠୀ (୨୫), ବାଇଶିବାଟି ଭୋଇ ସାହିର ଦିଲୁ ଓରଫ ସିଦ୍ଧାନ୍ତ ଭୋଇ(୨୪) ଏବଂ ଅଲାରପୁରୁର ଅକ୍ଷୟ ମାଝି ଓ ମିଟୁ ସେଠୀକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ଉଦଳା ପାଠାଗାର ପ୍ରସଙ୍ଗ: କଂଗ୍ରେସ ନେତା ଦୁର୍ଗା ଟୁଡୁ ଦେଲେ ଧାରଣାର ଚେତାବନୀ

ଉଦଳା , ୦୧/୦୯ (ନି.ପ୍ର): ଉଦଳା ସହର ମଧ୍ୟରେ ଥିବା ପାଠାଗାରର ଛାତ କେଉଁ ମୁହୂର୍ତରେ ଖସି ପଡ଼ିବାର ସମ୍ଭାବନା ରହିଛି । ଏଠାକୁ ଆସୁଥିବା ପାଠକ ପାଠିକା ମାନଙ୍କର ଜୀବନ ପ୍ରତି ବିପଦ ଦେଖା ଦେଇଛି । ଏ ବାବଦରେ କଂଗ୍ରେସର ବରିଷ୍ଠ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ଦୁର୍ଗା ଟୁଡୁ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଜିଲ୍ଲାପାଳଙ୍କୁ ବାରମ୍ବାର ଉକ୍ତ ଘଟଣା ସମ୍ପର୍କରେ ଜଣାଇବା ପରେ ମଧ୍ୟ ସେ କୌଣସି ପଦକ୍ଷେପ ନ ନେବା ଦୁଃଖ ଦାୟକ ବିଷୟ । ଏପରିକି ଗତ ସୋମବାର ଅଗଷ୍ଟ ୨୮ ତାରିଖ ଦିନ ପୁଣି ଥରେ ଉଦଳା ଠାରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣୀ ସମୟରେ ଏହା ଦାବୀ କରାଯାଇଛି । ତେବେ ୧ ମାସ ସମୟ ମଧ୍ୟରେ ଜିଲ୍ଲାପାଳ କୌଣସି ପଦକ୍ଷେପ ନନେଲେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦୁର୍ଗା ଟୁଡୁ ତାଙ୍କର ସମର୍ଥକ ମାନଙ୍କ ସହିତ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ନିକଟରେ ଫାଇବ-ଟି ସଚିବ ଉଦଳା ଗସ୍ତରେ ଆସି ଫେରିଯିବା ପରେ ବିଭିନ୍ନ ମଠ ମନ୍ଦିର ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କଲେ ଅଥଚ ପାଠାଗାର ପାଇଁ ଟଙ୍କାଟିଏ ବି ଅନୁଦାନ ଘୋଷଣା କଲେ ନାହିଁ ।

# ଗଣ୍ଡିବେଡ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ନେଇ ଆଲୋଚନା

ଖଇରା, ୦୧/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକପ୍ରତିନିଧି ଓ ଗ୍ରାମବାସୀ ମାନେ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଖରାପ ହୋଇ ପଡିଥିବା ଲାଇଟ ଗୁଡିକୁ ସଜାଡିବା,୨୪ଘଣ୍ଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ଖୋଲା ରଖିବା,ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଭାରପ୍ରାପ୍ତ ଅଧିକାରୀ ଡା ଦେବକାନ୍ତ ପାତ୍ରଙ୍କ ସହ ଜିଲା ପରିଷଦ ମାନଶ ଦାଶ,ମହିଳା ନେତ୍ରୀ ଶିବାନୀ ମହାନ୍ତି,ସରପଞ୍ଚ ପ୍ରତିନିଧି ବିଶ୍ୱଭୂଷଣ ପ୍ରଧାନ,ରବିନ୍ଦ୍ର ମହାନ୍ତି ପ୍ରମୁଖ ଆଲୋଚନା କରିଥିଲେ । ପରେ ବିଶିଷ୍ଟ ପରିବେଶବିତ ପଦ୍ମଲୋଚନ ଜେନା,ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା,କୁନୁ ଜେନା,ଚିନ୍ମୟ ବେହେରାଙ୍କ ଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସଫେଇ ଓ ଚାରାରୋପଣ କରାଯାଇଥିଲା ।

# ସିଟିଜେନ ଫୋରମ ପକ୍ଷରୁ ରକ୍ଷା ବନ୍ଧନ, ବନ୍ଧୁ ମିଳନ ଓ ପୁସ୍ତକ ଉନ୍ମୋଚନର ପର୍ବ



ଉଦଳା , ୦୧/୦୯ (ନି.ପ୍ର): ସିଟିଜେନ ଫୋରମ ଉଦଳା ପକ୍ଷରୁ ସ୍ଥାନୀୟ ସନ୍ଧାନ ଗୃହ ପରିସରରେ ଅଗଷ୍ଟ ୩୦ ତାରିଖ ବୁଧବାର ଦିନ ପବିତ୍ର ରକ୍ଷା ବନ୍ଧନ, ବନ୍ଧୁ ମିଳନ ଓ ପରେଶଚନ୍ଦ୍ର ସାହୁଙ୍କ ଲିଖିତ ପୁସ୍ତକ 'ରସାତଳର ପୃଥିବୀ' ର ଉନ୍ମୋଚନ ପର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ସିଟିଜେନ ଫୋରମ ର ପ୍ରତିଷ୍ଠାତା ତଥା ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଆଜିର ଏହି କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ସିଟିଜେନ ଫୋରମ ଓ ଉଦଳା ଓକିଲ ସଂଘର ସଭାପତି ଲମ୍ବୋଦର ବେହେରାଙ୍କ ଅଧକ୍ଷତାରେ ସାଧାରଣ ସଭା ଆରମ୍ଭ ହୋଇଥିଲା । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧକ୍ଷ ଡ଼କ୍ଟର ଦିଲିପ କୁମାର ଦୀକ୍ଷିତ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ମେଣ୍ଢାଖାଇ ଉନ୍ନୟନ ପରିଷଦର ସଭାପତି ଯଜ୍ଞନାରାୟଣ ମହାନ୍ତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ପବିତ୍ର ରକ୍ଷାବନ୍ଧନ ଉତ୍ସବ, ବଳଦେବ ଜୟନ୍ତି ଓ ଗୋମାତାର ପୂଜନ ସଂପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ଅତିଥି ମାନେ ପରେଶ ଚନ୍ଦ୍ର ସାହୁଙ୍କ ଲିଖିତ ପୁସ୍ତକ 'ରସାତଳର ପୃଥିବୀ'କୁ ଉନ୍ମୋଚନ କରିଥିଲେ । ପରେ ଲେଖକ ପରେଶ ଚନ୍ଦ୍ର ସାହୁ ପୁସ୍ତକ ସଂପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ହିମାଦ୍ରୀ ଶେଖର ପାଲ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଭାତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଶ୍ରୀରାମ ଭକ୍ତଙ୍କୁ ଜେଲରେ ରାକ୍ଷୀ ଓ ମିଷ୍ଟାନ୍ନ ବଂଟନ

ସମ୍ବଲପୁର, ୦୧/୦୯ (ନି.ପ୍ର): ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ବିଜେପି ମହିଳା ମୋର୍ଚ୍ଚା ତରଫରୁ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି । ପ୍ରଥମେ ଦଳୀୟ କାର୍ଯ୍ୟାଳୟରେ ବିଜେପି କର୍ମୀ ଓ ପଦାଧିକାରୀ ଙ୍କୁ ରାକ୍ଷୀ ବାନ୍ଧିଲା ପାରେ ମହିଳା ମୋର୍ଚ୍ଚା କର୍ମୀ ପହଂଚି ଥିଲେ ସମ୍ବଲପୁର ଜେଲ୍ ରେ । ଚଳିତ ବର୍ଷ ପବିତ୍ର ହନୁମାନ ଜୟନ୍ତି ସମୟରେ ହୋଇଥିବା ଅଘଟଣା କୁ ନେଇ ଗିରଫ ହୋଇ ଜେଲ ରେ ଥିବା ଶ୍ରୀରାମ ଭକ୍ତ ମାନଙ୍କୁ ରାକ୍ଷୀ ପିନ୍ଧେଇବା ଉଦ୍ଦେଶ୍ୟ ରେ । ଜେଲ୍ କର୍ତୃପକ୍ଷ ହନୁମାନ ଜୟନ୍ତି ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ସମିର ରଞ୍ଜନ ବାବୁଙ୍କୁ ମୁଖ୍ୟ ଦ୍ୱାର ପାଖକୁ ଡାକିଥିଲେ । ମହିଳା ମୋର୍ଚ୍ଚା ର ସଦସ୍ୟା ଗଣ ସମସ୍ତ ଶ୍ରୀରାମ ଭକ୍ତ ଙ୍କ ପାଇଁ ସାଙ୍ଗରେ ନେଇଥିବା ରାକ୍ଷୀ ଓ ମିଷ୍ଟାନ୍ନ ଭିତରକୁ ପଠାଇ ଫେରି ଆସିଥିଲେ । ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରି ଅନ୍ନପୂର୍ଣ୍ଣା ବାରିକ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ବେହେରା, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଙ୍କ ସମେତ ରୁନୁ ପ୍ରଧାନ, ପ୍ରଭାସିନୀ ଦାଶ, ବିଦ୍ୟୁତପ୍ରଭା ଯୋଶୀ, ରିଙ୍କି ସାହୁ, ଅନୁଶୟା ସାମଲ, ସୁରମା ପୋଢ଼, ଲକ୍ଷ୍ମୀପ୍ରିୟା ସାହୁ, ଶିବ ଦିୱାନ୍, ସୋମିତ୍ର ଜତି, ସନ୍ତୋଷ ଡାଲୁଆ, ଚିତ ଭୋଇ, ସୁଜୟ ପାଣିଗ୍ରାହୀ, ଗୁର୍ଦିପ୍ ଗିଲ୍ ପ୍ରମୁଖ ସାମିଲ ଥିଲେ ।

# ଗୋଟିଏ ଦିନ ପାଇଁ ବନବାସରେ ଯାଆନ୍ତି ଗ୍ରାମବାସୀ

ଆସ୍ଥା ଓ ବିଶ୍ୱାସ ଆଗରେ ସବୁକିଛି ଗୌଣ ଅଟେ। ପଶ୍ଚିମ ଚମ୍ପାରଣ ଜିଲ୍ଲା ଅନ୍ତର୍ଗତ ନୌରାଙ୍ଗିଆ ଦରଦରି ପଞ୍ଚାୟତ ସ୍ଥିତ ନୌରଙ୍ଗିଆ ଗ୍ରାମବାସୀ ପ୍ରତିବର୍ଷ ବୈଶାଖ ମାସରେ ଜାନକୀ ନବମୀ ଦିନ ଏହି ଆସ୍ଥା ଓ ବିଶ୍ୱାସ କାରଣୁ ବନବାସରେ ଯାଇଥାନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି ଦିନ ସେମାନେ ନିଜ ଘରେ ମଧ୍ୟ ତାଲା ଦିଅନ୍ତି ନାହିଁ। ସେମାନଙ୍କ ଅନୁପସ୍ଥିତିରେ କେହି ଚୋରି କଲେ ତା'ର ଦୃଷ୍ଟି ଶକ୍ତି ନଷ୍ଟ ହୋଇଥାଏ ବୋଲି ବଡ଼ ବିଶ୍ୱାସ ରହିଛି। ସେହି କାରଣରୁ ଚୋରି ମଧ୍ୟ ହୁଏ ନାହିଁ ସେହି ଦିନ।

ଗତ ୨୦୦ବର୍ଷ ଧରି ଏହି ପରମ୍ପରା ଚାଲିଆସିଛି ଗ୍ରାମରେ। ସୂର୍ଯ୍ୟୋଦୟ ପୂର୍ବରୁ ନିଜ ଗୋରୁଗାଈଙ୍କୁ ଫିଟାଇ ଦେଇ ଛୋଟ ଠାରୁ ବୁଢ଼ା ସମସ୍ତେ ଚାଲିଯାଆନ୍ତି ଜଙ୍ଗଲକୁ। ସେଠାରେ ବନ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ସେହି ଗ୍ରାମରେ ପାଖାପାଖି ୮୦୦ ଘର ଥିଲାବେଳେ ଏହି ଦିନ ଗ୍ରାମଟି ପୂରା ଶୂନଶାନ ପାଲଟିଯାଏ। ଲୋକଙ୍କର କହିବା ଅନୁସାରେ ଜାନକୀ ନବମୀ ଦିନ ବନଦେବୀ ଗ୍ରାମକୁ ଆସିଥାନ୍ତି। ଏହି ସମୟରେ ଘରେ କେହି ରହିବା ଅଶୁଭ ମନାଯାଇଥାଏ। ବୟସ୍କଙ୍କ କହିବା ଅନୁସାରେ ୨୦୦ବର୍ଷ ତଳେ ହଇଜା ଓ ମହାମାରୀରେ ଗ୍ରାମର ଅନେକ ଲୋକଙ୍କ ମୃତ୍ୟୁ ହେବାପରେ ମହାତ୍ମା ପରମହଂସ ଦାସଜୀ ବନଦେବୀଙ୍କୁ ପୂଜା କରିବାର ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଠାରୁ ଜାନକୀ ନବମୀରେ ଗ୍ରାମର କୌଣସି ବ୍ୟକ୍ତି ଗ୍ରାମରେ ରୁହନ୍ତି ନାହିଁ।

# କେଶରୁ ପୋଷାକ

ମଣିଷର କେଶ ବେଶ୍ ଶକ୍ତ। ସହଜରେ ଭାଙ୍ଗେନାହିଁ କିମ୍ବା ଛିଣ୍ଡେନାହିଁ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଦଳେ ବିଜ୍ଞାନ ଓ କାରିଗରୀ ବିଶେଷଜ୍ଞଙ୍କ ମତରେ କେଶରୁ ଯୁଦ୍ଧପୋଶେକ ନିର୍ମାଣ ସମ୍ଭବ। କୋଟଟେକସ ଓ ମାଟ୍ରିକସ, କେଶର ଦୁଇ ମୁଖ୍ୟ ଉପାଦାନ। ଏହି ଉପାଦାନର ମିଶ୍ରଣ ଯୋଗୁଁ କେଶ ବେଶ୍ ଶକ୍ତ। ନାନୋ ଟେକ୍ନୋଲୋଜି ବିନିଯୋଗରେ ଏଥିରୁ ଯୁଦ୍ଧ ପୋଷାକ ତିଆରି କରାଯାଇପାରିବ।

# ଶରୀରରୁ ପ୍ଲାଟ୍‌ଲେଟ୍ ହ୍ରାସର କାରଣ

ସ୍କ୍ରବ୍ ଟାଇଫସ୍ ମାମଲା ଏବେ ଅଧିକ ଦେଖିବାକୁ ମିଳୁଛି। ଏହା ଇନଫେକ୍ସନ୍ ଜନିତ ରୋଗ। ଯାହା ମୂଷା କିମ୍ବା ମାଇଟ୍ (ବୁଢ଼ିଆଣୀ ଭଳି ଏକ କ୍ଷୁଦ୍ର ଜୀବ) କାମୁଡ଼ିବା ଫଳରେ ହୋଇଥାଏ। ଯାହାର ଲକ୍ଷଣ ପ୍ରଥମେ ଜ୍ୱର ଆକାରରେ ଦେଖାଯାଏ। ସମୟ ଥାଉ ଥାଉ ରୋଗକୁ ଚିହ୍ନି ତା'ର ଉପଚାର କରିପାରିଲେ ତାହା ବେଶୀ ବ୍ୟାପି ନଥାଏ। ଏହି ରୋଗର ଲକ୍ଷଣ ଡେଙ୍ଗୁ ଭଳି ହୋଇଥାଏ ଓ ଗମ୍ଭୀର ଅବସ୍ଥାରେ ଶରୀରରେ ପ୍ଲାଟ୍‌ଲେଟ୍ କମିବାକୁ ଲାଗେ।

**କିଭଳି ବ୍ୟାପିଥାଏ :**

ମାଇଟ୍ ଯେତେବେଳେ ଜଣେ ବ୍ୟକ୍ତିକୁ କାମୁଡ଼ିଥାଏ। ସେହି ବିଷାକ୍ତ ପୋକ ଛାଡ଼ିଥିବା ଲାଳରେ ରିକ୍‌ଟଶିୟା ସୁସୁଗାମୁଶୀ ନାମକ ଜୀବାଣୁ ରକ୍ତ ମାଧ୍ୟମରେ ଶରୀରରେ ପ୍ରବେଶ କରିଥାଏ। ସୁସୁଗାର ଅର୍ଥ ଛୋଟ ଓ ମୁଶୀ ଅର୍ଥ ମାଇଟ୍। ଏହା ମୁଖ୍ୟତଃ, ମସ୍ତିଷ୍କ ଓ ଫୁସଫୁସ ଉପରେ ପ୍ରଭାବ ପକାଇବା ସହିତ ମଲ୍ଟି ଅର୍ଗାନ୍ ଡସଅର୍ଡ଼ରକୁ ବଢ଼ାଇଦେଇଥାଏ। ଶରୀରରେ ଅନେକ ପ୍ରକାର ସଂକ୍ରମଣ ସୃଷ୍ଟି ହୋଇଥାଏ। ଏହି ରୋଗ ଡିଆଁ ରୋଗ ନୁହେଁ, କାଶିଲେ କିମ୍ବା ଛିଙ୍କିଲେ ଏହା ବ୍ୟାପିନଥାଏ। କେବଳ ମାଇଟସମାନଙ୍କର କାମୁଡ଼ିବା ଫଳରେ ହିଁ ବ୍ୟାପିଥାଏ।

**କାହାକୁ ଅଧିକ ଭୟ ରହିଛି :**

ପାହାଡ଼ିଆ ସ୍ଥାନ, ଜଙ୍ଗଲ, ଗାଁ ଓ ସହରରେ ରହୁଥିବା ଲୋକ, ଯାହାଙ୍କ ଘର ପାଖରେ ବର୍ଷା ହେବା କାରଣରୁ ଜଙ୍ଗଲୀ ଗଛପତ୍ର ବା ଅତ୍ୟଧିକ ଘାସ ହୋଇଥାଏ। ସେମାନଙ୍କୁ ମାଇଟ୍ କାମୁଡ଼ିବାର ଅଧିକ ଭୟ ରହିଥାଏ।

ତା' ସହିତ ବିଲରେ କାମ କରୁଥିବା କୃଷକ, ଯେଉଁମାନେ ସବୁବେଳେ ଗଛପତ୍ରର ସଂସ୍ପର୍ଶରେ ଆସୁଥିବେ ସେମାନେ ମଧ୍ୟ ପ୍ରଭାବିତ ହୋଇପାରନ୍ତି।

**ଲକ୍ଷଣ :**

ଏହି କ୍ଷତିକାରକ ଜୀବ କାମୁଡ଼ିବାର ଦୁଇ ସପ୍ତାହ ମଧ୍ୟରେ ରୋଗୀକୁ ଭୀଷଣ ଜ୍ୱର ହୋଇଥାଏ। ପାଖାପାଖି ଜ୍ୱର ୧୦୨ ରୁ ୧୦୩ ମଧ୍ୟରେ ରହେ। ତା'ସହିତ ମୁଣ୍ଡ ବିନ୍ଧିବା, କାଶ ହେବା, ମାଂସପେଶୀରେ ଘୋଳା ବିନ୍ଧା ହେବା ଆଦି ଲକ୍ଷଣ ଦେଖାଯାଏ। ଶରୀର ଦୁର୍ବଳ ହୋଇଯାଏ। ମାଇଟ୍ କାମୁଡ଼ିଥିବା ସ୍ଥାନରେ କଳା ଚୋପା ପଡ଼ିବା ଭଳି ଦାଗ ହୋଇଯାଇଥାଏ। ଏହାକୁ ଠିକ୍ ସମୟରେ ଯଦି ଚିକିତ୍ସା କରାନଗଲା ତେବେ ରୋଗ ଗମ୍ଭୀର ରୂପ ଧାରଣ କରି ନିମୋନିଆର ରୂପ ନେଇପାରେ। କିଛି ରୋଗୀଙ୍କର ଲିଭର ଓ କିଡ଼ନୀ ଠିକ୍ ଭାବରେ କାମ କରି ନଥାଏ, ସେମାନେ ବେହୋସ ଅବସ୍ଥାରେ ପଡ଼ି ରହନ୍ତି। ରୋଗର ଗମ୍ଭୀରତା ଅନୁରୂପ ରୋଗୀ ଶରୀରରୁ ପ୍ଲେଟଲେଟର ପରିମାଣ କମ୍ ହେବାକୁ ଲାଗେ। ଯାହା ଏକ ସୁସ୍ଥ ଶରୀର ପାଇଁ ଭଲ ସଂକେତ ନୁହେଁ।

**କିଭଳି ବଞ୍ଚିବେ ଏହି ରୋଗରୁ :**

ଘର ପାଖାପାଖି ସ୍ଥାନ ସଫାସୁତୁରା ରଖିବା ଉଚିତ। ଘର ଚାରିପଟେ କୀଟନାଶକ ଔଷଧ ପ୍ରୟୋଗ ବା ଛିଞ୍ଚିବା ଉଚିତ୍। ଜଙ୍ଗଲ ଗଛପତ୍ର, ଘାସକୁ ଉପାଡ଼ିଦେବା ଉଚିତ। ଶରୀରକୁ ସୁସ୍ଥ ରହିବା ସହିତ ସଫଳ କପଡ଼ା ପିନ୍ଧିବା ଉଚିତ। ଜଙ୍ଗଲର ପାଖାପାଖି ରହୁଥିବା ବ୍ୟକ୍ତି ବା ଚାଷ ଜମିରେ କାମ କରୁଥିବା ବ୍ୟକ୍ତି ନିଜ ଶରୀରକୁ ଭଲ ଭାବରେ ଓ ନିରାପଦରେ ରଖିବା ଉଚିତ୍।

**କିଭଳି କରିବେ ଚିକିତ୍ସା :**

ସ୍କ୍ରବ୍ ଟାଇଫସ୍ ଜ୍ୱରର ଲକ୍ଷଣଟ ବା ମାଇଟସ କାମୁଡ଼ିବାର ଚହ୍ନ ଦେଖି ରୋଗକୁ ଚିହ୍ନାଯାଇଥାଏ। ରକ୍ତ ପରୀକ୍ଷା ମାଧ୍ୟମରେ ସିବିସି କାଉଣ୍ଟ ଓ ଲିଭର ଫଙ୍କସନ୍ ଟେଷ୍ଟ କରିବା ଉଚିତ୍। ତା'ସହିତ ଇଲାଇଜୀ ଟେଷ୍ଟ ଓ ଇମ୍ୟୁନୋଫେଲାରିସେସ୍ ଟେଷ୍ଟରୁ ସ୍କ୍ରବ ଟାଇଫସର ଉପସ୍ଥିତି ଜଣାପଡ଼ିଥାଏ। ଏହା ପରେ ୭-୧୪ ପର୍ଯ୍ୟନ୍ତ ଔଷଧର କୋର୍ସ ଚାଲିଥାଏ। ରୋଗୀକୁ କମ୍ ତେଲ ମସଲା ଯୁକ୍ତ ଖାଦ୍ୟ ଓ ଡାଏଟ୍ ପ୍ରତି ଧ୍ୟାନ ଦେବା ଉଚିତ୍। ଏହା ବ୍ୟତୀତ ଦୁର୍ବଳ ପ୍ରତିରୋଧକ କ୍ଷମତା ଥିବା ବ୍ୟକ୍ତିଙ୍କୁ ସ୍କ୍ରବ୍ ଟାଇଫସ୍ ରୋଗୀଠାରୁ ଦୂରରେ ରହିବା ଉଚିତ୍।

**ପ୍ଲାଟ୍‌ଲେଟ୍ କ'ଣ ? :**

ପ୍ଲାଟ୍‌ଲେଟ୍ ରକ୍ତରେ ଉପସ୍ଥିତ ଥିବା ଏକ ଅନଭିକିୟ କୌଶିକା। ଯାହା ଶରୀରରେ ରକ୍ତ ଜମାଟ ବାନ୍ଧିଯିବା କିମ୍ବା ରକ୍ତସ୍ରାବ ବନ୍ଦ ନହେବା ସମସ୍ୟାକୁ ଠିକ୍ କରିଥାଏ। ଗୋଟିଏ ପ୍ଲାଟ୍‌ଲେଟ୍ କୋଶିକାର ଜୀବନକାଳ ୮ ରୁ ୧୨ ଦନ ହୋଇଥାଏ। ସାଧାରଣ ସୁସ୍ଥ ମନୁଷ୍ୟ ଦେହରେ ଏକ ଲକ୍ଷ ପଚାଶ ହଜାରରୁ ୪ଲକ୍ଷ ପ୍ରତ ଘନ ମିଲିମିଟର ପ୍ଲାଟଲେଟ୍ ହୋଇତାଏ। ଏହି ପ୍ଲାଟଲେଟର କାମ ଶରୀରରେ ହର୍ମୋନ୍ ଓ ପ୍ରୋଟିନ ଉପଲବ୍ଧ କରାଇଥାଏ। ରକ୍ତ ଧମନୀକୁ କ୍ଷତି ପହଞ୍ଚୁଥିବା ବେଳେ କୋଲାଜନ ନାମକ ଏକ ଦ୍ରବ୍ୟ ବାହାର କରିଥାଏ। ଯାହା ସହିତ ମିଶି ବିମ୍ବାଣଉ ଏକ ଅସ୍ଥାୟୀ ପାଚେରୀ ସୃଷ୍ଟି ହୋଇଥାଏ। ଶରୀରରେ ଯେତେବେଳେ ଡେଙ୍ଗୁ କି ସ୍କ୍ରବ୍ ଟାଇଫସ୍ ରୋଗରେ ଶରୀରରେ ପ୍ଲାଟଲେଟର ପରିମାଣ କମିଥାଏ।

**ଡେଙ୍ଗୁ ଓ ପ୍ଲାଟଲେଟ୍ :**

ସ୍କ୍ରବ୍ ଟାଇଫସ ଓ ଡେଙ୍ଗୁର ଲକ୍ଷଣ ମାଧ୍ୟମରେ ୯୦ ପ୍ରତିଶତ ସାମଞ୍ଜସଞ୍ଜ ରହିଛି। ଶରୀରରେ କିଭଳି ପ୍ଲାଟଲେଟକୁଚ ସୁରକ୍ଷିତ ରଖିବେ ସେଥିପ୍ରତି ଧ୍ୟାନ ଦେବା ଉଚିତ। ରକ୍ତ ପରୀକ୍ଷାରେ ଡିସି, ଟିଏଲସି, ପ୍ଲାଟଲେଟ୍, ସରିମ୍, କ୍ଲେଟୋରାଇଟ୍, ଏଲଏଫଟି, ଆର୍ଏଫଟି ଇତ୍ୟାଦି କରି ରୋଗୀକୁ ଆଇସିୟୁରେ ରଖି ଚିକିତ୍ସା ଆବଶ୍ୟକ। ଏ ରୋଗର ନିର୍ଦ୍ଦିଷ୍ଟ କୌଣସି ଔଷଧ ନାହିଁ। ଲକ୍ଷଣ ଅନୁସାରେ ଚିକିତ୍ସା କରାଯାଇଥାଏ। ଜ୍ୱର କମାଇବା ପାଇଁ ଔଷଧ, ସକରୁ ରକ୍ଷା କରିବା ପାଇଁ ପ୍ଲାଜମା, ରିଙ୍ଗର ଲାଲଟେଟ, ରକ୍ତ ଆଦି ଦେଇ ରୋଗୀକୁ ଆସନ୍ନ ମୃତ୍ୟୁମଖରୁ ରକ୍ଷଣ କରାଯାଇଥାଏ।

**ପ୍ରତିଷେଧକ :**

ଏ ରୋଗର କୌଣସି ପ୍ରତିଷେଧକ ଟିକା ଏଯାଏଁ ବାହାରି ନାହିଁ କି କୌଣସି ଔଷଧ ନାହିଁ। ମଶା ମାରିବା ବ୍ୟବସ୍ଥା ଓ ମଶାରି ଟାଣି ଶୋଇବା ଏ ରୋଗରୁ ରକ୍ଷା ପାଇବାର ଏକମାତ୍ର ଉପାୟ। ଏହି ରୋଗ ଦାଉରୁ ମୁକ୍ତି ପାଇବାକୁ ହେଲେ ମଶାରି ବ୍ୟବହାର ସହିତ ପରିବେଶକୁ ସଫାସୁତୁରା ରଖିବା, ଘର ଚାରିପାଖ ନାଳ ନର୍ଦ୍ଦମା ଖତସବୁ ପୋତିଦେବା, ମଶାମାନଙ୍କ ବଂଶବୃଦ୍ଧି ରୋକିବା ପ୍ରତି ଦୃଷ୍ଟି ଦେଲେ ଏ ରୋଗରୁମୁକ୍ତି ମିଳିପାରିବ।

**ଘରୋଇ ଚିକିତ୍ସା :**

ରୋଗୀକୁ ପ୍ରଚୁର ପାଣି ପିଇବାକୁ ଦିଅନ୍ତୁ। କିଛିକିଛି ସମୟ ବ୍ୟବଧାନରେ ରକ୍ତଚାପ ମାପନ୍ତୁ। ଶରୀରରେ କିପରି ଇମ୍ୟୁନ ସିଷ୍ଟମ ବଢ଼ିବ ଓ ରୋଗୀ ସୁସ୍ଥ ହୋଇପାରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତିଦିନ ଖାଇବାକୁ ଦେବା ଉଚିତ୍।

# କଲେଜରେ ପଢୁଥିଲେ...

ଅଧିକ ଶୋଇବା ଜରୁରି:

- କଲେଜ ଛାତ୍ରଛାତ୍ରୀମାନେ ରାତିରେ ୭ ରୁ ୯ଘଣ୍ଟା ଯାଏ ଶୋଇଲେ ସୁସ୍ଥ ରହିବେ। ଏହାଠାରୁ କମ୍ ଶୋଇଲେ ଚିନ୍ତା ବଢ଼ିଥାଏ। ଏହା ବ୍ୟତୀତ କମ୍ ନିଦ୍ରା ଗଲେ ମଧୁମେହ, ମୋଟାପଣ ଓ ଡିପ୍ରେସନର ଆଶଙ୍କାକୁ ବଢ଼ିଥାଏ।

ସୁଷମ ଖାଦ୍ୟ ଖାଆନ୍ତୁ:

କଲେଜ ପଢୁଆ ପିଲାମାନେ ଖାଇବାରେ ଆଦୌ ଯତ୍ନଶୀଳ ନୁହନ୍ତି। କେତେବେଳେ ଜଙ୍କ ଫୁଡ୍ ତ ଆଉ କେତେବେଳେ ଫାଷ୍ଟଫୁଡ଼ ଖାଦ୍ୟ ସେମାନଙ୍କୁ ବେଶ୍ ଆନନ୍ଦ ଦେଇଥାଏ। ଯାହା ସେମାନଙ୍କ ଷ୍ଟ୍ରେସର ମାତ୍ରାକୁ ବଢ଼ାଇଥାଏ। ଖାଦ୍ୟରେ ଫଳ, ପନିପରିବା ଓ ଅଟାଜାତୀୟ ଖାଦ୍ୟକୁ ସାମିଲ କରିବା ଆବଶ୍ୟକ।

ନିୟମିତ ବ୍ୟାୟାମ:

- ଛାତ୍ରଛାତ୍ରୀମାନେ ନିୟମିତ ଯୋଗ କିମ୍ବା ବ୍ୟାୟାମ ବା ଏକ୍ସରସାଇଜ କରିବା ଜରୁରି। କାରଣ ନିୟମିତ ୨୦ ମିନିଟରେ ଏକ୍ସରସାଇଜ ଆମ ଚିନ୍ତାକୁ କମ୍ କରିଥାଏ। ଆପଣ ଚାହିଁଲେ ଏମିତି ଏକ୍ସରସାଇଜ ବା ଏରୋବିକ୍ସ କରିପାରିବେ। ଯାହା ଆପଣଙ୍କୁ ମନୋରଞ୍ଜନ ସହ ଷ୍ଟ୍ରେସ୍ ଫ୍ରି ରଖିପାରିବ।

କୃତ୍ରିମ ଶକ୍ତି ବର୍ଦ୍ଧକ ଠାରୁ ଦୂରେଇ ରହନ୍ତୁ:

- ଅନେକ ସମୟରେ ଛାତ୍ରଛାତ୍ରୀମାନେ ନିଦକୁ ଅଟକାଇବା ପାଇଁ କଫିନ୍ ଓ ବିଭିନ୍ନ ପ୍ରକାରର ଔଷଧ ବ୍ୟବହାର କରିଥାନ୍ତି। ଏପରି ଅପ୍ରାକୃତିକ ଉପାୟରେ ନିଦ ଭାଙ୍ଗିବା ଦ୍ୱାରା ଶରୀରର ଶକ୍ତି ନଷ୍ଟ ହୋଇଥାଏ। ଆଉ ଚିନ୍ତା ବଢ଼ିଥାଏ।

# ବିୟର ଯୋଗ



ଆଧୁନିକ ଜୀବନ ଶୈଳୀରେ ଆଜି ସମସ୍ତେ ମୋଟାପା ଜନିତ ସମସ୍ୟାରେ ପୀଡ଼ିତ। ଓଜନ କମ୍ କରିବା ପାଇଁ ଲୋକେ ବିଭିନ୍ନ ପ୍ରକାର ବ୍ୟବସ୍ଥାକୁ ଆପଣାଉଛନ୍ତି। କିଏ ଜିମରେ ଘଣ୍ଟା ଘଣ୍ଟା ଧରି ଝାଳ ବୁହାଉଛି ତ ଆଉ କିଏ ଯୋଗ କରୁଛି। ହେଲେ ଆଜି ଆମେ ଜର୍ମାନୀରେ କରାଯାଉଥିବା ଏକ ନିଆରା ଯୋଗ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଉଛନ୍ତି।।

ଜର୍ମାନୀରେ ଏବେ ବିୟର ଯୋଗର କ୍ରେଜ ବଢ଼ିବାରେ ଲାଗିଛି। ଲୋକେ ବିୟର ପିଇପିଇ ଯୋଗ କରୁଛନ୍ତି। ଲୋକଙ୍କ କହିବା ଅନୁସାରେ ଯୋଗ ଆରମ୍ଭ କରିବା ପୂର୍ବରୁ କିଛି ବିୟର ପିଇଲେ ମନକୁ ଶାନ୍ତି ମିଳିଥାଏ। ଏହାପରେ ଯୋଗ କରିବା ସମୟରେ ମଧ୍ୟ ବିୟର ପିଇଲେ ଶରୀର ପାଇଁ ବେଶ୍ ଲାଭ ଦାୟକ। ଅନେକ ଲୋକ ଯୋଗ ସମୟରେ ନିଜ ମୁଣ୍ଡ ଉପରେ ବିୟର ଗ୍ଲାସ ରଖି ବାଲାନ୍ସ କରିଥାନ୍ତି। ଦେଶରେ ବିୟର ଯୋଗ ପାଇଁ ଏକ ସ୍ୱତନ୍ତ୍ର ୱେବସାଇଟର ଆରମ୍ଭ କରାଯାଇଛି। ଖାଲି ଜର୍ମାନୀ ନୁହେଁ ଅଷ୍ଟ୍ରେଲିଆ ଏବଂ ଆମେରିକାରେ ମଧ୍ୟ ଏହି ଟ୍ରେଣ୍ଡ ଏବେ ଜୋର ଧରିଛି। ଲୋକଙ୍କ କହିବା ଅନୁସାରେ ବିୟର ପିଇଲେ ଓଜନ ବଢ଼େ ନାହିଁ, ବରଂ କମିଥାଏ।

# ଗଛ ଲଗାଇବାରେ ବିଶ୍ୱ ରେକର୍ଡ଼

ଗୋଟିଏ ଦିନରେ ସବୁଠୁ ଅଧିକ ଗଛ ଲଗାଇ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ରେ ସ୍ଥାନ ପାଇଛି ଉତ୍ତର ପ୍ରଦେଶ। 'କ୍ଲିନ୍ ୟୁପି, ଗ୍ରୀନ ୟୁପି' କାର୍ଯ୍ୟକ୍ରମ ମାଧ୍ୟମରେ ଉତ୍ତର ପ୍ରଦେଶ ସରକାର ଗୋଟିଏ ଦିନରେ ୧୦ଟି ସ୍ଥାନରେ ୧୦ଲକ୍ଷ ଚାରାରୋପଣ କରାଇଛନ୍ତି । ୭ ନଭେମ୍ବରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ। ଶନିବାର ସନ୍ଧ୍ୟାରେ ସାଇଫାଇରେ ତାଙ୍କୁ ଏହି ରେକର୍ଡ଼ ସମ୍ପର୍କିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ଼ ଟିମ୍ ଠାରୁ ସାର୍ଟିଫିକେଟ୍ ଗ୍ରହଣ କରୁଥିବା ଫଟୋ ଓ ନିଜ ସରକାର ଏହି ସଫଳତା ସମ୍ପର୍କିତ ଖବର ଟ୍ୱିଟ୍ କରିଛନ୍ତି ନିଜେ ଅଖିଳେଶ। ରାଜ୍ୟ ବନ୍ୟ ବିଭାଗ, ଜଳସେଚନ ବିଭାଗ, ନୋଏଡ଼ା ଓ ଗ୍ରେଟର ନୋଏଡ଼ା କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ରାଜ୍ୟର ୧୦ଟି ସ୍ଥାନରେ ଚାରା ରୋପଣ କରାଯାଇଥିଲା। ସକାଳ ୮.୩୦ ରୁ ଅପରାହ୍ନ ୪.୩୦ ମଧ୍ୟରେ ୮୫୦ ହେକ୍ଟରରେ ଅଞ୍ଚଳରେ ୧୦.୧୫ ଲକ୍ଷ ଚାରା ଲଗାଯାଇଥିଲା ଓ ବଣ୍ଟା ଯାଇଥିଲା। ନିମ, ଅର୍ଜୁନ, ଅଁଳା, ତେନ୍ତୁଳି, ବର, ଅଶ୍ୱତଥ ପ୍ରଭୃତି ବୃକ୍ଷରୋପଣ ହୋଇଥିଲା।



# ସୁପରମାର୍କେଟରେ ଗାଡ଼ି

ସଉଦା କିଣା ଏକ ଲୋକଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇଛି। ଅନେକ ଏଥିପାଇଁ ଅନଲାଇନର ସାହାଯ୍ୟ ନେଉଛନ୍ତି, କିନ୍ତୁ ଘଣ୍ଟା ଘଣ୍ଟା ନେଟରେ ବସି ଅର୍ଡ଼ର କରିବା ଓ କିଛି ଭୁଲିଗଲେ ପୁଣି ବଜାରକୁ ଯିବାରେ ସମୟ ନଷ୍ଟ ହେଉଛି। ତା'ଛଡ଼ା ମାର୍କେଟ୍‌ରେ ବୁଲି ସଉଦା କିଣିବାର ଅନେକ ଲାଭ ରହିଛି। ଏଣୁ ଏହାକୁ ଦୃଷ୍ଟିରେ ରଖି ସମସ୍ତଙ୍କୁ ଖୁସି କରିବା ପାଇଁ ଜଣେ ରଷୀୟ ଉଦ୍ଭାବକ ଏକ ସମାଧାନ ବାହାର କରିଛନ୍ତି। ତାରି ମାଧ୍ୟମରେ ସୁପରମାର୍କେଟରେ କାର ଚଳାଇ ସବୁ କିଛି ଆପଣ କିଣିପାରିବେ। ଜିନିଷ ଗୁଡ଼ିକୁ ଭୂଲମ୍ବ ସୋପାନରେ ଉପରୁ ତଳକୁ ଖସୁଥିବା ଥାକରେ ରହିବ। ତେଣୁ କାରରୁ ଓହ୍ଲାଇବାକୁ ପଡ଼ିବ ନାହିଁ। ଏହି ନୂଆ ଆପ୍ଲିକେସନ ପ୍ରସ୍ତୁତ କରିଛନ୍ତି ସେମେନୋଭ ଦାହିର କୁରମାନବିଭିଚ୍। ସଉଦା କିଣାକୁ ଆହୁରି ସୁବିଧାଜନକ କରିବା ସହିତ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇ ଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଏହାର ମୂଲ୍ୟ କମ୍ ରହିବ ବୋଲି ମଧ୍ୟ ଦାବି କରିଛନ୍ତି। ମଲ ଦ୍ୱାରରେ ଗୋଟିଏ ଡିସପ୍ଲେରେ ଷ୍ଟେସନ ପ୍ରଦର୍ଶନ ହେବ, ଯେଉଁଠାରୁ ଗାହକ ଗାଡ଼ି ଚଳାଇବେ। ତାପରେ ସମୋନେ ଗୋଟିଏ ଜାଗାରେ କିଣାକିଣି କରିପାରିବେ ଏବଂ କିଛି ପାଦ ଆଗରେ କ୍ୟାଶିଅର ତାଙ୍କୁ ଅପେକ୍ଷା କରିଥିବେ।



# ଏଲଇଡି ମାଉସ୍ ସାଣ୍ଡେଲ



ରସିଆର ସରଗେ ହାଲିଆଭିନ ନାମକ ଜଣେ ହାଇସ୍କୁଲ ଛାତ୍ର ନିଜସ୍ୱ ବୁଦ୍ଧି ଓ କାରିଗରୀ କୌଶଳ ଉପଯୋଗରେ ଏକ ସ୍ୱତନ୍ତ୍ର କମ୍ପ୍ୟୁଟର ମାଉସ ତିଆରି କରିଛନ୍ତି। ଏଲଇଡି ମାଉସ ସାଣ୍ଡେଲ ଭାବେ ଏହା ନାମିତ। ମାଉସ ସାଣ୍ଡେଲ ଦୁଇପଟରେ ଏଲଇଡି ଲାଇଟ ଖଞ୍ଜାଯାଇଛି। ହାତ ନଥିବା ଭିନ୍ନକ୍ଷମଙ୍କ ପାଇଁ ଏହା ଉଦ୍ଦିଷ୍ଟ। ଏହାକୁ ଗୋଡ଼ରେ ପିନ୍ଧିବାକୁ ପଡ଼ିବ ଓ ଅଙ୍ଗୁଳି ଦ୍ୱାରା ସାଧାରଣ ମାଉସ ଭଳି ବ୍ୟବହାର କରି କଂପ୍ୟୁଟର ଚଳାଇହେବ। ଜଣେ ଶାରୀରିକ ଭିନ୍ନକ୍ଷମ ସହପାଠୀଙ୍କ ପାଇଁ ସରଗେ ଏଭଳି ଏକ ଯନ୍ତ୍ର ବିକଶିତ କରବାକୁ ଉଉଦ୍ୟମ କରି ସଫଳ ହୋଇଛନ୍ତି।

# ଯାତ୍ରା ବେଳେ ଲାପ୍‌ଟପ୍ ସୁରକ୍ଷା




ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ଲାପଟପ୍ ରହିଛି କହିଲେ ଭୁଲ୍ ହେବନି। ଆଉ ଅଫିସ୍ ହେଉ ଅବା ବ୍ୟକ୍ତିଗତ କୌଣସି କାମରେ ବାହାରକୁ ଯିବା ବେଳେ ଏହାକୁ ନେବାକୁ ଭୁଲୁ ନାହାନ୍ତି ଯୁବବର୍ଗ। ଲାପ୍‌ଟପ୍ ବାହାରକୁ ନେବାବ ବେଳେ କେତୋଟି ବିଶେଷ ଦିଗ ପ୍ରତି ଧ୍ୟାଦି ଦିଅନ୍ତୁ।

ଆର୍ଦ୍ରତା: ଲାପ୍‌ଟପର ଯତ୍ନରେ ପ୍ରଥମେ ଦେଖିବା ଦରକାର ଯେ ଏହାକୁ ଥୋଇବା ଜାଗା ଯେପରି ଅଧିକ ଗରମ ବା ଓଦାଳିଆ ହୋଇ ନଥିବ। ଆଉ ଲାପଟପ୍ ରଖିବା ସ୍ଥାନଟି ଥଣ୍ଡା ହୋଇଥିବା ଆବଶ୍ୟକ।

ଲାପଟପ ଲକ୍: ଯେତେବେଳେ ଲାପଟପ୍ ବାହାରକୁ ନେବା ଆଣିବା କରୁଛନ୍ତି। ଏହି ବ୍ୟାଗକୁ ତାଲା ପକାଇ ଚାବିକୁ ଅନ୍ୟ ବ୍ୟାଗ୍ ଭିତରେ ରଖି ସୁରକ୍ଷିତ ରୁହନ୍ତୁ। ଚେଷ୍ଟା କରନ୍ତୁ ଯଦି ସମ୍ଭବ ଲାପ୍‌ଟପ୍ ବ୍ୟାଗ୍‌କୁ ନିଜ ହାତରେ ବା ପାଖରେ ରଖିବାକୁ ଚେଷ୍ଟା କରନ୍ତୁ ।

ସାଧାରଣ ୱାଇଫାଇ: ଯିବା ଆସିବା ବେଳେ ଯେତେଦୂର ସମ୍ଭବ ସର୍ବସାଧାରଣ ଜାଗାରେ ଥିବା ୱାଇଫାଇ କମ୍ ବ୍ୟବହାର କରନ୍ତୁ। କାରଣ ଏହା ଜରିଆରେ ଲାପ୍‌ଟପ୍‌କୁ ସହଜରେ ଭାଇରସ୍ ଆସିବା ସହ ହ୍ୟାକିଙ୍ଗ୍‌ର ସମ୍ଭାବନା ବି ଅଧିକ ରହିଥାଏ।

ଡାଟା ବ୍ୟାକ୍‌ଅପ୍: କେବେ ଭାବିଛନ୍ତି, ଯଦି ଆପଣଙ୍କ ଲାପଟପ୍ ଚୋରି ହୋଇଯାଏ ବା ବ୍ଲାଷ୍ଟ ହୋଇଯାଏ, ତେବେ କ'ଣ ହେବ ? କ୍ଷତି ଆପଣଙ୍କର ହିଁ ହେବ। ତେଣୁ ନିୟମିତ ଭାବେ ଲାପଟପ୍‌ର ସମସ୍ତ ଡାଟା ଏକ୍ସଟର୍ଣ୍ଣନାଲ ହାର୍ଡ ଡିସ୍କରେ ସୁରକ୍ଷିତ ରଖନ୍ତୁ।

ଲାପଟପ କଭର: ଆପଣଙ୍କ ଦାମୀ ଲାପଟପରେ ଦାଗ ନଆସୁ। ସେଥିପାଇଁ ଏହାକୁ ଫେମ୍ କଭରରେ ରଖିବା ହିଁ ଉଚିତ୍। କାରଣ ସାଧାରଣ କଭର ସ୍କ୍ରାଚ୍ ପ୍ରୁଫ୍ ହୋଇ ନଥାଏ।

କୁଲିଂ ପ୍ୟାଡ୍: ଯଦି ନିୟମିତ ୪/୫ ଲାପ୍‌ଟପ୍ ବ୍ୟବହାର କରୁଥାନ୍ତି, ତେବେ କୁଲିଂ ପ୍ୟାଡ୍ ବ୍ୟବହାର କରନ୍ତୁ।

# କୁକୁରକୁ ଚୁପ୍ କରାଇ ୫ ବର୍ଷ ଜେଲ୍

କୁକୁର ଯେତେବେଳେ ଭୁକେ ସାଧାରଣତଃ ଲୋକମାନେ ଟେକା ପଥର ମାରି କିମ୍ବା ବାଡ଼ି ଦେଖାଇ ତାକୁ ଘଉଡ଼ାଇ ଦିଅନ୍ତି। କିନ୍ତୁ ଆମେରିକାର ଦକ୍ଷିଣ କାରୋଲିନାର ଜଣେ ବ୍ୟକ୍ତି କୁକୁର ମୁହଁରେ କଳା ଟେପ୍ ଲଗାଇ ଦେଇ କୁକୁରକୁ ଭୁକିବା ବନ୍ଦ କରାଇଦେଇଥିଲେ। ଏପରି କରିବା ଅବଶ୍ୟ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ୫ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ଗତ ଶୁକ୍ରବାର ୪୩ବର୍ଷୀୟ ୱିଲିୟମ ଡୋଡସନ ନାମକ ଏହି ବ୍ୟକ୍ତିଙ୍କୁ ପଶୁ କ୍ରୁରତା ମାମଲାରେ ଏପରି କଡ଼ା ଦଣ୍ଡାଦେଶ ହୋଇଛି। ଟେପ ଲଗାଇବା ଯୋଗୁଁ କୁକୁରଟି ଅସୁସ୍ଥ ହୋଇପଡ଼ିଛି। ଟେପ ଯୋଗୁଁ ତାର ଜିଭ ଖଣ୍ଡିଆ ହୋଇଯାଇ ପାଟିରୁ ରକ୍ତ ବାହାରିଥିଲା। ଏହା ପଶୁଙ୍କ ପ୍ରତି କ୍ରୁରତା ଓ ଏଥିପାଇଁ ତୁମକୁ ଅଧିକ ଦଣ୍ଡ ମିଳିଥାନ୍ତା ବୋଲି ବିଚାରପତି ମାର୍କଲେ ଡେନିସ ମାମଲାର ବିଚାର କରିବା ସମୟରେ କହିଛନ୍ତି। ଚାଲର୍ସଟନ ଆନିମଲ ସୋସାଇଟିର ନିର୍ଦ୍ଦେଶକ ଏଲ୍ଡଭିନ ରୋମନ କହିଛନ୍ତି, ପଶୁଙ୍କ ବିରୋଧରେ କ୍ରୁରତାକୁ ସହ୍ୟ କରାଯିବନି ବୋଲି ଏହି ଦଣ୍ଡାଦେଶରୁ ବାର୍ତ୍ତା ମିଳିଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମୌସୁମୀର ଖେଳ...

ଚଳିତ ବର୍ଷର ମୌସୁମୀ ଋତୁ ତା'ର ତୃତୀୟ ଚରଣ ପାର କରି ସାରିଛି- ଭାରତରେ ଏହା ଜୁନ୍‌ଠାରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ହିସାବ କରାଯାଇଥାଏ । ଗୋଟିଏ ପଟେ ସାରା ଦେଶର ଧାନ ଉତ୍ତର ଭାରତରେ ଜଳ ପ୍ରଳୟ ଘଟାଇ ଥିବା ବିପୁଳ ପରିମାଣର ଧନ ଜୀବନ ହାନି ଉପରେ କେନ୍ଦ୍ରିତ ହୋଇଥିବା ବେଳେ ଅନ୍ୟ ଭାଗରେ ବର୍ଷାଭାବ ଏବଂ ମରୁଡ଼ି ଭଳି ସ୍ଥିତି ଉତ୍ପନ୍ନ ହୋଇଥିବା ସମସ୍ତଙ୍କ ଦୃଷ୍ଟିକୁ ଏଡ଼ାଇ ଯାଇଥିବା ଭଳି ମନେହୁଏ। ଏକ ଭୀଷଣ ଭାବରେ ଆର୍ଦ୍ର ଜୁଲାଇ ମାସ ପରେ ଏଇ ମାତ୍ର ଶେଷ ହୋଇଥିବା ଅଗଷ୍ଟ ମାସ ନିଅଣ୍ଟିଆ ବର୍ଷାର ମାସ ହୋଇଥିବାର ପ୍ରମାଣ ଦେଇଛି, ଯାହା ସାଧାରଣତଃ ଭାରତରେ ମୌସୁମୀ ବର୍ଷାର ପ୍ରାବଲ୍ୟ ପାଇଁ ପରିଚିତ ହୋଇଥାଏ। ତେଣୁ କୁହାଯାଇପାରେ ଯେ 'ଛୋଟ ପିଲା' ତା'ର ଖେଳ ଦେଖାଇଛି । ସାମ୍ପ୍ରତିକ ସମୟରେ ସର୍ବ ସମ୍ମୁଖକୁ ଆସୁଥିବା ପାଣିପାଗଜନିତ ତଥ୍ୟ ଏକଥା ସ୍ପଷ୍ଟ କରୁଛି ଯେ ଏଲ୍ ନିନୋ- ସ୍ପେନ୍ ଭାଷାରେ ଯାହାର ଅର୍ଥ ହେଉଛି ଛୋଟ ପିଲା- ଉତ୍ତରପଶ୍ଚିମ ଦକ୍ଷିଣ ଆମେରିକା ନିକଟବର୍ତ୍ତୀ ଭୂମଧ୍ୟରେଖୀୟ ପ୍ରଶାନ୍ତ ମହାସାଗରର ଉତ୍ତପ୍ତ ହେବାର ପ୍ରକ୍ରିୟା, ଯାହା ସମଗ୍ର ବିଶ୍ୱର ପାଣିପାଗ ଅବସ୍ଥାକୁ ପ୍ରଭାବିତ କରିଥାଏ, ଭାରତୀୟ ମୌସୁମୀ ଉପରେ ତା'ର ହାନିକାରକ ପ୍ରଭାବ ପକାଇବା ଆରମ୍ଭ କରିଛି । ପରିଣତି ସ୍ୱରୂପ, ସମଗ୍ର ଦେଶ ୧୯୦୧ ପରଠୁ ସର୍ବାଧିକ ଶୁଷ୍କ ଅଗଷ୍ଟ ମାସକୁ ଏ ବର୍ଷ ପରିଲକ୍ଷିତ କରିଛି। ସଂଯୋଗକ୍ରମେ ଅଗଷ୍ଟ ମାସକୁ ଭାରତରେ ଦ୍ୱିତୀୟ ସର୍ବାଧିକ ପରିମାଣର ବର୍ଷାର ମାସ ଭାବରେ ପରିଗଣିତ କରାଯାଇଥାଏ, ଆଉ ଏହି ମାସରେ ସାରା ଦେଶ ୨୫୫ ମିଲିମିଟର ବର୍ଷା ହାସଲ କରିଥାଏ, ଯାହାକି ଦେଶର ମୋଟ ବାର୍ଷିକ ବୃଷ୍ଟିପାତର ହାରାହାରି ୨୨ ପ୍ରତିଶତ। ତେଣୁ ନିର୍ଦ୍ଦିଷ୍ଟ ଭାବରେ ଏହି ଆର୍ଦ୍ର ମାସରେ ବୃଷ୍ଟିପାତର ପରିମାଣ କମିବାକୁ କୌଣସି ଦୃଷ୍ଟିରୁ ଶୁଭ ଲକ୍ଷଣ ବୋଲି କୁହାଯାଇ ପାରିବ ନାହିଁ ଏବଂ ଏହା ହେଉଛି ଏଲ୍ ନିନୋର ଦୁଷ୍ଟାମି । ଅଗଷ୍ଟ ୨୯ ତାରିଖ ସୁଦ୍ଧା ଭାରତ ମାତ୍ର ୧୬୦ ମିଲିମିଟର ବର୍ଷା ଗ୍ରହଣ କରିଥିବାର ବିବରଣୀ ପ୍ରକାଶ ପାଇଛି, ଯାହା ୩୩ ପ୍ରତିଶତ ମିନ୍ ବା ସର୍ବନିମ୍ନ ପରିମାଣ ବୋଲି ଜଣାପଡ଼ିଛି । ଦକ୍ଷିଣ ଏବଂ ପଶ୍ଚିମ ଭାରତ ବୃଷ୍ଟିପାତର ପରିମାଣ ଗ୍ରହଣ ଦୃଷ୍ଟିରୁ ସର୍ବାଧିକ କ୍ଷତି ସହିଛନ୍ତି: ଗୁଜରାଟ ଏବଂ କେରଳ ଏହି ମାସରେ ପ୍ରାୟ ୯୦ ପ୍ରତିଶତ କମ୍ ବର୍ଷା ଲାଭ କରିଛନ୍ତି । କର୍ଣ୍ଣାଟକ, ତେଲେଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ନିଅଣ୍ଟିଆ ବର୍ଷାର ହାର ୫୦ ପ୍ରତିଶତରୁ ଅଧିକ ହୋଇଥିବା ବେଳେ ତାମିଲନାଡୁରେ ନିଅଣ୍ଟିଆ ବର୍ଷାର ପରିମାଣ ହେଉଛି ୨୩ ପ୍ରତିଶତ । କେବଳ ପୂର୍ବ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ଯାହା ଏଲ୍ ନିନୋର ପଞ୍ଝାରୁ ବାଦ୍ ପଡ଼ିଥିବା ଭଳି ମନେ ହେଉଛନ୍ତି । ତେବେ ଏହି ଅଞ୍ଚଳଗୁଡ଼ିକ ସାଧାରଣତଃ ଜୁଲାଇ ମାସରେ ଶୁଷ୍କ ରହିଥିଲେ। ଏଲ୍ ନିନୋର ପ୍ରଭାବଗୁଡ଼ିକ ଯଦି ଆହୁରି ଅଧିକ ଘନୀଭୂତ ହୁଏ, ତା'ହେଲେ ସମଗ୍ର ଦେଶ ପାଇଁ ଏହାର ପରିଣତି ଅଶୁଭ ପ୍ରମାଣିତ ହେବ, କାରଣ ଏହାଦ୍ୱାରା କେବଳ କୃଷି କ୍ଷେତ୍ରର ହାନି ଘଟିବ ନାହିଁ, ଜଳ ସଂରକ୍ଷଣ ଉପରେ ମଧ୍ୟ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଏମିତିରେ ବି ଦେଶର ଅନେକ ରାଜ୍ୟରେ ଜଳ ଭଣ୍ଡାରଗୁଡ଼ିକରେ ଜଳର ସ୍ତର ବିପଜ୍ଜନକ ଭାବରେ ହ୍ରାସ ପାଇଥୁବାର ଖବରମାନ ମିଳିଲାଣି । ବର୍ତ୍ତମାନର ସବୁଠୁ ବଡ଼ ଚିନ୍ତା ହେଉଛି ଫସଲ ଅମଳ। ଏଲ୍ ନିନୋ ଦ୍ୱାରା ଦୁର୍ବଳ ହୋଇ ଯାଇଥବା ଏକ ମୌସୁମୀ ଖରିଫ୍ ଫସଲ ପ୍ରତି ମଧ୍ୟମ ଧରଣର କ୍ଷତି ପହଞ୍ଚାଇବାର ସମ୍ଭାବନା ରହିଛି । ତେବେ ଶୀତ ଋତୁର ଫସଲ ଉପରେ ଏହାର ପ୍ରଭାବ ଅଧିକ କଠୋର ହୋଇପାରେ । ଦୁର୍ବଳ କୃଷି ଉତ୍ପାଦନ ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଲାଗି ରହିଥିବା ଉଚ୍ଚ ହାରର ମୁଦ୍ରାସ୍ଫୀତି ପ୍ରକାରାନ୍ତରେ ଖାଦ୍ୟ ଏବଂ ଜୀବିକାର୍ଜନ କ୍ଷେତ୍ରରେ ଘୋର ସଂକଟ ସୃଷ୍ଟି କରିବ। ବର୍ତ୍ତମାନ ସୁଦ୍ଧା ଯେପରି ଜଣା ଅଛି, ଜୁଲାଇ ମାସରେ ମୁଦ୍ରାସ୍ଫୀତିର ହାର ବିଗତ ୧୫ ମାସ ମଧ୍ୟରେ ସର୍ବାଧିକ ୭.୪୪ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ମୁଖ୍ୟତଃ ଖାଦ୍ୟ ସାମଗ୍ରୀଗୁଡ଼ିକର ଉଚ୍ଚ ଦର ଯୋଗୁଁ ହୋଇଛି । ଅର୍ଥନୀତି ଉପରେ ମହାମାରୀ ସମୟର ଚାବୁକ୍ ପ୍ରହାରରୁ ଦେଶ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ଉଧୁରି ପାରି ନଥିବା ବେଳେ ଦୁର୍ବଳ ମୌସୁମୀଜନିତ ଅର୍ଥନୀତିକ ଆଘାତଗୁଡ଼ିକ ଦେଶକୁ ଅଧିକ ଦୁର୍ବଳ କରିଦେବାର ସମ୍ଭାବନା ବହନ କରେ । ଏଭଳି ଏକ ସମ୍ଭାବ୍ୟ ଅର୍ଥନୀତିକ ବିପଦର ପଞ୍ଝାରୁ ରାଜନୀତି ଖସିଯିବା ଆଦୌ ସହଜ କଥା ନୁହେଁ, ବିଶେଷକରି ଏକ ନିର୍ବାଚନୀ ବର୍ଷରେ ଓ ନରେନ୍ଦ୍ର ମୋଦୀଙ୍କ ସରକାର, ଯାହା ଲଗାତର ତୃତୀୟଥର ପାଇଁ କ୍ଷମତାକୁ ଫେରିବାକୁ ଚାହୁଁଛି, ତାହା ବର୍ତ୍ତମାନଠାରୁ ଆକାଶ ଉପରେ ଆଖି ରଖି ସେଥିପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ । ଗୋଟିଏ ପକ୍ଷରେ ସରକାର ଯେତେବେଳେ ଖସି ପଡୁଥିବା ମୁଖାଗୁଡ଼ିକୁ ଗଣନା କରିବାରେ ବ୍ୟସ୍ତ ରହିଛନ୍ତି, ତାଙ୍କୁ ସେତେବେଳେ ତତ୍କାଳ ଭିତ୍ତିରେ ଦେଶବାସୀଙ୍କ ପାଇଁ ସମ୍ଭାବ୍ୟ ମରୁଡ଼ି ପରିସ୍ଥିତିର ମୁକାବିଲା କରିବାକୁ ଖାଦ୍ୟ ସୁରକ୍ଷା ଏବଂ ପାନୀୟ ଜଳ ଟ୍ୟାଙ୍କର, ଗୋଖାଦ୍ୟ ଶିବିର ଏବଂ କର୍ମନିଯୁକ୍ତିର ସୁନିଶ୍ଚିତତା ପ୍ରଦାନ କରିବାକୁ ପଡ଼ିବ । ଆଉ ଦୀର୍ଘକାଳୀନ ଭିତ୍ତିରେ ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ଦେଶର କୃଷି ଓ ଜଳ ବ୍ୟବସ୍ଥାକୁ ସୁରକ୍ଷିତ ରଖିବାକୁ ହେଲେ ବେଳକୁ ବେଳ ବିଗିଡ଼ି ଚାଲିଥିବା ମୌସୁମୀର ମୁକାବିଲା ପାଇଁ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଘଟାଇବା ଅପରିହାର୍ଯ୍ୟ ।



## ସଂସଦର ସ୍ୱତନ୍ତ୍ର ଅଧିବେଶନ ଓ ଆଜିର ଆବଶ୍ୟକତା

### କାଳିକିଙ୍କର

ଯେତେବେଳେ ଅଠେଇଶ ବିପକ୍ଷଦଳ କେନ୍ଦ୍ରରେ ଶାସନ କରୁଥିବା ଏନଡିଏ ମେଣ୍ଟ ବିରୁଦ୍ଧରେ ଇଣ୍ଡିଆ ନାମକ ମେଣ୍ଟ ଗଠନ କରି ମୁମ୍ବାଇଠାରେ ତୃତୀୟ ମହା ପଞ୍ଚାୟତ କରୁଛନ୍ତି ଓ ସାରା ଦେଶରେ ତାର ଚର୍ଚ୍ଚା ହେଉଛି ଠିକ ସେତିକିବେଳେ ଭାରତୀୟ ଜନତାପାର୍ଟି ସରକାର ଏହି ମେଣ୍ଟ ବିରୁଦ୍ଧରେ ଘମଣ୍ଡିଆ ଆଦି ଅପଶବ୍ଦ ବ୍ୟବହାର କରି ଗାଳିଦେବାର କାର୍ଯ୍ୟକ୍ରମ ଆରମ୍ଭ କରିଛି । କିନ୍ତୁ ଏହି କାର୍ଯ୍ୟକ୍ରମ ବିଶେଷ ପ୍ରଭାବ ସାରା ଦେଶରେ ପକାଇବାର ବିଫଳ ହେଉଥିବାର ଦେଖି ଏବଂ ସଂଜରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ କେମିତି ନରେନ୍ଦ୍ର ମୋଦି ନିଜର ବନ୍ଧୁ ଗୌତମ ଆଦାନୀ ହାତରେ ଦେଶର ଅର୍ଥନୀତିକୁ ବିକ୍ରୀ କରିଛନ୍ତି ଓ ତାର ଖବର ପ୍ରସିଦ୍ଧ ସମ୍ବାଦପତ୍ର ମାନଙ୍କରେ ବାହାରିଛି ବୋଲି ପ୍ରେସ ବାର୍ତାରେ କହିଛନ୍ତି ସେ ବିଷୟରେ କାଳେ ଦେଶରେ ଏକ ମୋଦି ବିରୋଧୀ ବିଶ୍ୱାସକୁ ବଳ ମିଳିବ ସେ ଭୟରେ ପ୍ରାୟ ସଞ୍ଜ ଆସୁ ଆସୁ ସରକାର ସଂସଦର ପାଞ୍ଚ ଦିନିଆ ବିଶେଷ ଅଧିବେଶନର ଘୋଷଣା ବିନା ବିଷୟବସ୍ତୁରେ ଘୋଷଣା କରିଦେଲେ । ଏହାଦ୍ୱାରା ମୁମ୍ବାଇରେ ଚାଲୁଥିବା ଇଣ୍ଡିଆ ମେଣ୍ଟରୁ ଧ୍ୟାନ ହଟେଇବାରେ ଗୋଦି ମିଡିଆ ମଧ୍ୟ ଜୋର ସୋରରେ ଲାଗିପଡିଲେ ।

ବିଭିନ୍ନ ଅଟକଳ ବାଜି ଆରମ୍ଭ ହୋଇଗଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ପ୍ରବକ୍ତାମାନେ ମଧ୍ୟ କହିବାରେ ଅସମର୍ଥତା ଜାହିର କଲେ ଯେ ସ୍ୱତନ୍ତ୍ର ଅଧିବେଶନର ଏଜେଣ୍ଡା ତାଙ୍କୁ ଜଣାନାହିଁ । ଏକଥା ମଧ୍ୟ ବିନା ଦ୍ୱିଧାରେ କୁହାଯାଇପାରେ । କାରଣ, ନରେନ୍ଦ୍ର ମୋଦି ଏବେ ଏନଡିଏ ଗଠବନ୍ଧନର ସର୍ବେସର୍ବା । ରାହୁଲ ଗାନ୍ଧୀ କହିଲା ଭଳି ଏ ସରକାରର କେବଳ ଦୁଇଜଣ ସରକାର ଚଳାଉଛନ୍ତି । ସେ ଦୁଇଜଣ ହେଲେ ନରେନ୍ଦ୍ର ମୋଦି ଓ ଅମିତ ସାହା । ଏମିତି କି ଏ ଦେଶର ଜନତାଙ୍କୁ ଅଧିକାଂଶ କେନ୍ଦ୍ର ମନ୍ତ୍ରୀଙ୍କର ନାଁ ମଧ୍ୟ ମନେ ନ ଥିବ । ଯେଉଁ ବ୍ୟକ୍ତି ସଂସଦ ଭିତରେ ଦେଶବାସୀଙ୍କ ସାମ୍ନାରେ ଏକ ଅକେଲା ସବ ପର ଭାରି ବୋଲି ଅହଂକାରର ଆସ୍ଫାଳନ କରିପାରେ ସେ ବ୍ୟକ୍ତି ବାସ୍ତବରେ କେତେବେଳେ କଣ କରିବ ବା ମହମ୍ମଦ ବିନ ତୋଗଲକ ଭଳି ତୋଗାଲକୀ ଫର୍ମାନ ଜାହିର କରିବ ଏ କଥା କେହି କହି ପାରିବ ନାହିଁ ।

ନରେନ୍ଦ୍ର ମୋଦି ଭାବନ୍ତି ଯେ ସେ ସବୁ ଜାଣନ୍ତି, ସବୁ ବୁଝନ୍ତି ଓ ସବୁ କରିବାରେ ସକ୍ଷମ ।ଦେଶରେ କଳାଧାନ ଆସିବ, ଆତଙ୍କବାଦ ଶେଷ ହେବ, ସମସ୍ତଙ୍କ ଖାତାକୁ ପନ୍ଦର ଲକ୍ଷ ଟଙ୍କା ଯିବ, ପ୍ରତିବର୍ଷ ଭରାତ୍ରର ଦୁଇ କୋଟି ଲୋକଙ୍କୁ ରୋଜଗାର ଦିଆଯିବ ଭଳି ମିଛ ବା ରାଜନୈତିକ ଜୁମଲା କହି ସେ ଶାସନକୁ ଆସିବାରେ ସମର୍ଥ ହୋଇଛନ୍ତି । ଦେଶର ରିଜର୍ଭ ବେଙ୍କକୁ ଜ୍ଞାତ ନ ଥିବାବେଳେ ରାତି ଅଧାରେ ଡ଼ିମନିଟାଇଜେସନ ଭଳି ସିଦ୍ଧାନ୍ତ ଦେଶ ଉପରେ ଲଦି ଦେଇ ଅନେକ କ୍ଷତି କରିଦେଲେ । ନା କୌଣସି କଳାଧନ ଆସିଲା ନା ଆତଙ୍କବାଦ ଶେଷ ହେଲା।

ସେମିତି ତିନି କୃଷି ଆଇନ ସେ ଏଦେଶରେ କୃଷକମାନଙ୍କ ଉପରେ ଲଦି ଦେଇ ଅନେକ ଲୋକଙ୍କର ଜୀବନ ନେଲେ । ଶେଷରେ ଏହି ବାଚାଳ ଶାସକ ତିନି କାନୁନ ଫେରାଇନେଲେ ଓ ଦେଶବାସୀଙ୍କୁ କ୍ଷମାପ୍ରାର୍ଥନା କଲେ । ନରେନ୍ଦ୍ର ମୋଦିଙ୍କର ଏମିତି ଅନେକ ବିଚାର ବିହୀନ କାର୍ଯ୍ୟ ଏ ଦେଶ ଦେଖିଛି । ଖାଲି ଭାଷଣରେ ପଟୁ ଏହି ନେତା ଆଜି କ୍ଷମତାର ଲୋଭରେ ପାଗଳ କହିଲେ ଭୁଲ ହେବନାହିଁ । ବିରୋଧୀଙ୍କୁ କେମିତି ପସ୍ତ କରାଯିବ କେମିତି ମିଛ ଆଇନ ଜାଲରେ ତାଙ୍କୁ ଫସେଇ ଦିଆହେବ କେମିତି ସିବିଆଇ, ଇଡି, ଇନକମ ଟେକ୍ସ, ଆଇନ ଆଦିକୁ ପ୍ରଭାବିତ କରି ବିରୋଧୀଙ୍କୁ ବଦନାମ କରାଯିବ ଓ ନିର୍ବାଚନ ଜିତାଯିବ ଏହି ଚିନ୍ତାରେ ଓ ତାଙ୍କ ସରକାର ବ୍ୟସ୍ତ । ତେଣୁ ବିରୋଧୀ କେମିତି ସଫଳ ନ ହେବେ ସେ ସହି ଷଡଯନ୍ତ୍ରରେ ନିଜକୁ ନିୟୋଜିତ କରିଛନ୍ତି ।

ସଂସଦର ବିଶେଷ ଅଧିବେଶନ ପୂର୍ବରୁ ମଧ୍ୟ ହୋଇଛି । ସ୍ୱାଧୀନତାର ପଚିଶ, ପଚାଶ ଆଦି ବର୍ଷରେ ଏ ଅଧିବେଶନ ହୋଇଛି । ଜିଏସ୍ଟି ଲାଗୁ କରିବାପାଇଁ ମଧ୍ୟ ଏମିତି ସ୍ୱତନ୍ତ୍ର ଡକାଯାଇଛି । ତେବେ ପ୍ରତିଥର ବିରୋଧୀଦଳଙ୍କୁ ବିଶ୍ୱାସକୁ ନେଇ ଏହି ଅଧିବେଶନ କରାଯାଇଛି । ଏଜେଣ୍ଡା ବା ବିଷୟବସ୍ତୁ ସ୍ଥିର କରି ସମସ୍ତଙ୍କ ଆଗରେ ରଖାଯାଇଛି । କିନ୍ତୁ ଏଥର ସେମିତି କିଛିନାହିଁ । ମନକୁ ଆସିଲା ଆଉ ଘୋଷଣା ହୋଇଗଲା ଯେ ସଂସଦର ସ୍ୱତନ୍ତ୍ର ଅଧିବେଶନ ହେବ । କିନ୍ତୁ କଣ ପାଇଁ ହେବ କାହିଁକି ହେବ ଏ ବିଷୟରର ସରକାର ନିରବ । ସରକାର ବା ପାର୍ଟିର ଲୋକେ ମଧ୍ୟ ନିରବ । ଦେଶର ରାଜନୀତିରେ ପ୍ରଥମଥର ଏହି ସ୍ୱତନ୍ତ୍ର ଅଧିବେଶନର ସୂଚନା ସଂସଦୀୟ ମନ୍ତ୍ରୀ ଟୁଇଟରରେ ଦେଉଛନ୍ତି । ସତରେ କେଡ଼େ ଦୁର୍ବଳ ହେଉଛି ଆମର ଗଣତନ୍ତ୍ର ।ଏସବୁ ଆଦୌ ଶୁଭଙ୍କର ନୁହେଁ।

ଏବେ ଆଲୋଚନା ହେଉଛି ଯେ ପ୍ରାୟ ଦେଶରେ ଏକ ଦେଶ ଏକ ନିର୍ବାଚନ ହେବାର ଏକ ବିଲ ଆଣାଯିବ ଆଲୋଚନାପାଇଁ । କିନ୍ତୁ ଏହା କଣ ସମ୍ଭବ ? ଭାରତ ଭଳି ଗଣତାନ୍ତ୍ରିକ ଦେଶରେ ଏହା ଯେ କେତେଦୂର ସମ୍ଭବ ହୋଇପାରିବ ତାହା ଭବିଷ୍ୟତ କହିବ । ଏକଥା ସତ ଯେ ସ୍ୱାଧୀନତାପର ଠାରୁ ଅର୍ଥାତ ୧୯୫୦ ମସିହାରୁ ୧୯୬୭ ମସିହା ପର୍ଯ୍ୟନ୍ତ ଏ ଦେଶରେ ଲୋକସଭା ଓ ବିଧାନସଭାର ନିର୍ବାଚନ ଏକସାଙ୍ଗରେ ହେଉଥିଲା । ସମୟ ପୂର୍ବରୁ ଯେତେବେଳେ କୌଣସି କାରଣରୁ ସରକାରର ପତନ ହେଲା ସେତେବେଳେ ଏ ବ୍ୟବସ୍ଥା ବଦଳିଗଲା । ଆଜି କଣ ବା ଏବେଠାରୁ କଣ ଆଉ ସେ ପରିସ୍ଥିତି ସୃଷ୍ଟି ହେବନାହିଁ ? ଏ ପ୍ରଶ୍ନର ଉତ୍ତର ଦେବାକୁ ସରକାର ଅକ୍ଷମ । ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧକ୍ଷତାରେ ଏକ କମିଟି ଗଠନ ହେବାର ସୂଚନା ସରକାର ଦେଇଛନ୍ତି ଯେଉଁ କମିଟି ଏ ବିଷୟରର ବିଷଦ ଆଲୋଚନା କରି ରିପୋର୍ଟ ଦେବ । ତେବେ କମିଟିର ଅନ୍ୟ ସଦସ୍ୟ କେଉଁମାନେ ହେବେ ତାହା ମଧ୍ୟ ସ୍ଥିର ହୋଇନାହିଁ ।

ନିକଟରେ ସଂସଦର ମୌସୁମୀ ଅଧିବେଶନ ସରିଛି । ଏହି ଅଧିବେଶନରେ ପ୍ରଧାନମନ୍ତ୍ରୀଙ୍କର ଉପସ୍ଥିତି ଅତ୍ୟନ୍ତ ହାସ୍ୟାସ୍ପଦ । ମଣିପୁରର ଭୟରେ ସେ ସଂସଦରୁ ଦୂରେଇ ରହୁଥିଲେ । ଶେଷରେ ତାଙ୍କୁ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ଉପସ୍ଥିତ ହେବାକୁ ବାଧ୍ୟ କରାଗଲା । ଏ ସମୟରେ ସରକାରୀ ଦଳ ଅଧିକ ହାଙ୍ଗାମା କରି ସଂସଦକୁ ଠିକରେ ଚଳେଇବାକୁ ଦେଲେ ନାହିଁ । ପୁଣି କିଛି ଦିନପରେ ଶୀତକାଳୀନ ଅଧିବେଶନ ଆରମ୍ଭ ହେବ । ତେବେ ସେଦିନକୁ ଅପେକ୍ଷା ନ କରି ଏ ସ୍ୱତନ୍ତ୍ର ଅଧିବେଶନର ମାନେ କଣ ? ନିଶ୍ଚିତ ଭାବରେ ଏହା ଏକ ଅପରିପକ୍ୱ ରାଜନୀତିକ ବିଚାର ବୋଲି ଗ୍ରହଣ କରାଯାଏ । ହୁଏତ ଶାସକ ଦଳ ଏବେ ଇଣ୍ଡିଆ ଏଲାଏନ୍ସର ବୈଠକ ଓ ଏକତାରେ ଭୟଭୀତ । ତେଣୁ ସେ ଏମିତି କାର୍ଯ୍ୟ କରୁଛନ୍ତି । କମ୍ବଳ ଘୋଡ଼ି ଶୋଇଲେ ଯେମିତି ଯମ ଛାଡି ଯାଏ ନାହିଁ ସେମିତି ଆଡ଼ାନୀ କଳଙ୍କ ଓ ମଣିପୁର ଆତଙ୍କ ଏ ସରକାରର ପିଛା ଛାଡିବ ନାହିଁ । ସରକାର ସ୍ପଷ୍ଟ କରିବା ଉଚିତ ଯେ ବିରୋଧୀଙ୍କୁ ଅଣଦେଖାକରି ଏମିତି ଅଗଣତାନ୍ତ୍ରିକ କାମ କରିବା ଉଚିତ ନୁହେଁ ଯାହା ଏ ଦେଶପ୍ରତି ଓ ଲୋକତନ୍ତ୍ର ପ୍ରତି ଶୁଭଙ୍କର ନୁହେଁ ।


ଯୋଗାଯୋଗ; ସୌଭାଗିନୀ ନିବାସ, ରଟିଲୋ, ରେଞ୍ଚ,
ପୁରୀ-୭୫୨୧୧୪,
ମୋ-୮୨୪୯୨୧୬୦୬୭




## ମୟୂରଭଞ୍ଜ ରାଜନୀତ: ଚା ଖଟିରୁ

### ଅଧ୍ୟାପକ ଗୋପବନ୍ଧୁ

୨୦୨୪ ସାଧାରଣ ନିର୍ବାଚନ ପାଇଁ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହା ମଧ୍ୟ ଚର୍ଚ୍ଚା ହେଉଛି ଯେ ଓଡିଶା ବିଧାନସଭା ନିର୍ବାଚନ ୨୦୨୩ ମସିହାର ଶେଷ ଆଡକୁ ହୋଇଯାଇ ପାରେ। ନିର୍ବାଚନର ଆସନ୍ନତାକୁ ଦେଖି ରାଜନୈତିକ ଦଳମାନେ ତତ୍ପରତା ଦେଖାଇବା ଆରମ୍ଭ କଲେଣି। ମୟୂରଭଞ୍ଜ ଓଡ଼ିଶାର ସର୍ବବୃହତ ଜିଲ୍ଲା। ଜିଲ୍ଲାରେ ୯ ଟି ବିଧାନସଭା ଆସନ ରହିଛି। ୭ ଟି ଆସନକୁ ନେଇ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ଗଠିତ ହୋଇଛି। ଏହା ମଧ୍ୟରେ ମୋରଡ଼ା, ବାରିପଦା, ଉଦଳା, ବାଙ୍ଗିରିପୋଷି, ଶାରସକଣା, ରାଇରଙ୍ଗପୁର ଓ ଯଶିପୁର ବିଧାନସଭା ଆସନ ରହିଛି। ବଡ଼ସାହି ବିଧାନସଭା ଆସନକୁ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଓ କରଞ୍ଜିଆ ବିଧାନସଭା ଆସନକୁ କେନ୍ଦୁଝର ସଂସଦୀୟ କ୍ଷେତ୍ରର ଅନ୍ତର୍ଭୁକ୍ତ କରାଯାଇଛି। ଜିଲ୍ଲାରେ ୭ ଟି ବିଧାନସଭା ଅନୁସୂଚିତ ଜନଜାତି ଓ ଗୋଟିଏ ବିଧାନସଭା ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଏବଂ ଗୋଟିଏ ଆସନ ଅସଂରକ୍ଷିତ ରହିଛି। ବଡସାହି ଆସନ ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଥିବା ବେଳେ ମୋରଡ଼ା ଆସନ ଅସଂରକ୍ଷିତ ରହିଛି। ମୟୂରଭଞ୍ଜ ସଂସଦୀୟ ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ। କେନ୍ଦୁଝର ସଂସଦୀୟ ଆସନ ଅନୁସୂଚିତ ଜନଜାତି ପାଇଁ ଓ ବାଲେଶ୍ୱର ସଂସଦୀୟ ଆସନ ଅସଂରକ୍ଷିତ ଅଟେ।

୨୦୧୯ ମସିହାର ସାଧାରଣ ନିର୍ବାଚନରେ ମୟୂରଭଞ୍ଜ ଓ ବାଲେଶ୍ୱର ସଂସଦୀୟ ଆସନରୁ ବିଜେପି ବିଜୟୀ ହୋଇଥିଲା ଏବଂ କେନ୍ଦୁଝର ଆସନରୁ ବିଜେଡି ବିଜୟୀ ହୋଇଥିଲା। ମୟୂରଭଞ୍ଜର ୯ ଟି ବିଧାନସଭା ଆସନ ମଧ୍ୟରୁ ୬ ଟି ବିଜେପି ଜିତି ଥିଲା ଓ ବିଜେଡି ୩ ଟିରେ ଜିତିଥିଲା। ମୟୂରଭଞ୍ଜର ନିର୍ବାଚନ ଫଳ ସମଗ୍ର ଓଡ଼ିଶାର ଫଳାଫଳଠାରୁ ଭିନ୍ନ ଥିଲା। ଏହାର କାରଣ ଥିଲା ଜିଲ୍ଲାର ଏକ ମୁଖ୍ୟ ସମ୍ପ୍ରଦାୟ କୁଡୁମି ବିଜେଡି ବିରୁଦ୍ଧରେ ଭୋଟ ଦେଇଥିଲା। ଏହି କଥା କିନ୍ତୁ କେନ୍ଦୁଝର ସଂସଦୀୟ ଆସନରେ ଦେଖିବାକୁ ମିଳିନଥିଲା। ବିଜେଡି ଏହି ଜିଲ୍ଲାର ଚମ୍ପୁଆ ଆସନରୁ ଏହି ସମ୍ପ୍ରଦାୟର ଶ୍ରୀମତୀ ମିନାକ୍ଷୀ ମହାନ୍ତଙ୍କୁ ନିର୍ବାଚନ ଲଢ଼ାଇ ସମଗ୍ର ଜିଲ୍ଲାରେ ଏମାନଙ୍କ ସମର୍ଥନ ହାସଲ କରିବାକୁ ସକ୍ଷମ ହୋଇଥିଲା। ନିର୍ବାଚନ ପରେ ବିଜେଡି ଏ ଅସୁବିଧାକୁ ବୁଝି ଏହି ସମ୍ପ୍ରଦାୟର ଶ୍ରୀମତୀ ମମତା ମହାନ୍ତଙ୍କୁ ରାଜ୍ୟସଭାକୁ ପଠାଇ କ୍ଷତିଭରଣା ପାଇଁ ଚେଷ୍ଟା କରିଛି ଓ କେତେକାଂଶରେ ସଫଳ ମଧ୍ୟ ହୋଇଛି।

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଶେଷକରି ଜିଲ୍ଲା ପରିଷଦ ନିର୍ବାଚନରେ କେବଳ ତିନୋଟି ଆସନ ଛାଡି ସମସ୍ତ ଆସନ ବିଜେଡ଼ି ହାତେଇ ନେଇଛି। ଏହି ତିନୋଟି ଆସନ ଜେଏମଏମ ପାଇଛି। ବିଜେପି ଗୋଟିଏ ବି ଆସନ ଜିତି ପାରିନାହିଁ। ବିଜେପି ପାଇଁ ଏହା ଚିନ୍ତାର କାରଣ ହୋଇଛି। ଜିଲ୍ଲାରେ ୬ ଜଣ ଏମ୍ଏଲ୍ଏ ଏବଂ ମୟୂରଭଞ୍ଜ ଓ ବାଲେଶ୍ୱରରେ ପାର୍ଟିର ଏମପି ଥାଇ ଗୋଟିଏବି ଜିଲ୍ଲା ପରିଷଦ ଆସନ ଜିଣି ନପାରିବା ସୂଚୀତ କରୁଛି ଯେ ପାର୍ଟିର ଜନାଧାର କ୍ଷୀପ୍ରଭାବେ ହ୍ରାସ ପାଉଛି। ତଥାପି ପାର୍ଟିର ଜିଲ୍ଲା ନେତୃବୃନ୍ଦ ଆଶାବାନ୍ଧି ବସିଛନ୍ତି ଯେ କେନ୍ଦ୍ରରେ ବିଜେପି ଚମକିଲେ ରାଜ୍ୟରେ ଓ ଜିଲ୍ଲାରେ ମଧ୍ୟ ଏହା ଚମକିବ। ଅନ୍ୟ ପକ୍ଷରେ ଜାତୀୟ କଂଗ୍ରେସ ତାର ସ୍ଥିତିରେ ସୁଧାର ଆଣିପାରି ନାହିଁ। ଜାତୀୟ ସ୍ତରରେ ପାର୍ଟିର ସ୍ଥିତିରେ ସୁଧାର ଆସିଲେ ରାଜ୍ୟ ତଥା ଜିଲ୍ଲାରେ ମଧ୍ୟ ପାର୍ଟିର ପ୍ରଦର୍ଶନ ଭଲହେବ ବୋଲି ଏହାର ନେତୃବୃନ୍ଦ ଆଶା କରୁଛନ୍ତି। କଂଗ୍ରେସର କର୍ଣ୍ଣାଟକ ବିଜୟ ପରେ ଜିଲ୍ଲାରେ କିଛି ତତ୍ପରତା ଦେଖିବାକୁ ମିଳୁଛି। ଦେଶରେ ବିରୋଧୀ ଗୋଠବନ୍ଧନ ଯୋଗୁଁ ପାର୍ଟିରେ ଉତ୍ସାହ ବଢ଼ିଛି।

ଜିଲ୍ଲାରେ ମୁଖ୍ୟତଃ ଚାରୋଟି ରାଜନୈତିକ ଦଳର ସ୍ଥିତି ଅନୁଭୂତ ହୁଏ। ସେଗୁଡିକ ହେଉଛି ବିଜେଡି, ବିଜେପି, କଂଗ୍ରେସ ଓ ଜେଏମଏମ। ଯଶିପୁର ବିଧାନସଭା ଆସନରେ ଦିନେ ଏସଇଉସିଆଇର ଦବଦବା ଥିଲା। ଏବେ ଆଉ ନାହିଁ। ଅନ୍ୟାନ୍ୟ ବାମପନ୍ଥୀ ଦଳମାନେ ନାମକୁ ମାତ୍ର ଅଛନ୍ତି। ଆଗାମୀ ନିର୍ବାଚନରେ ଦଳଗୁଡିକ ମେଣ୍ଟକରି ନିର୍ବାଚନ ଲଢ଼ିବେ କି ଏକାଏକା ଲଢ଼ିବେ ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ। ଗତ ନିର୍ବାଚନରେ କଂଗ୍ରେସ ଓ ଜେଏମଏମ ମଧ୍ୟରେ ଆସନ ବୁଝାମଣା ହୋଇଥିଲା। ଅତୀତରେ ବିଜେଡି ଓ ବିଜେପି ମଧ୍ୟରେ ଆସନ ବୁଝାମଣା ହୋଇଛି। ଏବେ କଂଗ୍ରେସ ଓ ଜେଏମଏମ ମଧ୍ୟରେ ଆସନ ବୁଝାମଣା ନିଶ୍ଚିତ ବୋଲି ସୂଚନା ମିଳୁଛି। କାରଣ ଉଭୟ ଦଳ ଇଣ୍ଡିଆ ଗୋଠବନ୍ଧନରେ ଅଛନ୍ତି। ତେବେ କିଏ କେଉଁ ଆସନରେ ଲଢ଼ିବେ ତାହା ଦେଖିବାକୁ ହେବ। ବିଜେଡି ଏନଡିଏ ଗୋଠବନ୍ଧନରେ ନାହିଁ। କିନ୍ତୁ ବିଜେପିର ନିକଟ ସମ୍ପର୍କରେ ରହିଛି। ରାଜ୍ୟରେ ଉଭୟ ଦଳ ମଧ୍ୟରେ ଆସନ ବୁଝାମଣାର ଚର୍ଚ୍ଚା ଜୋରରେ ଚାଲିଛି। ଏ ମେଣ୍ଟ ହେଲେ ରାଜ୍ୟରେ ତଥା ଜିଲ୍ଲାରେ ଦ୍ୱିମୁଖୀ ପ୍ରତିଦ୍ୱନ୍ଦିତା ହେବ, ଅନ୍ୟଥା ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ନିଶ୍ଚିତ।

ଶୁଣିବାକୁ ମିଳୁଛି ଗତ ନିର୍ବାଚନରେ ଜିଲ୍ଲାରେ ଯେଉଁମାନେ ବିଜୟୀ ହୋଇଥିଲେ ସେମାନେ ପୁନର୍ବାର ଟିକେଟ୍ ପାଇବେ। ବିଜେପି ଗୋଟିଏ ଦୁଇଟି ଆସନରେ ପ୍ରାର୍ଥୀ ବଦଳାଇପାରେ। ବିଶେଷ କରି ମୋରଡ଼ା, କରଞ୍ଜିଆ ଓ ବାଙ୍ଗିରିପୋଷି ପରି ପରାଜିତ ଆସନରେ ପାର୍ଟି ନୂଆ ସମ୍ଭାବନା ଖୋଜୁଛି। ବିଜେଡି ଏମପି ପ୍ରାର୍ଥୀ କାହାକୁ କରିବ ତାହାକୁ ନେଇ ଦ୍ୱନ୍ଦରେ ରହିଛି। କେତେକେ କହୁଛନ୍ତି ରାଜ୍ୟର ଗଣଶିକ୍ଷାମନ୍ତ୍ରୀ ଶ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଏମପି ପ୍ରାର୍ଥୀ କରାଯାଇ ପାରେ। ସେ କୁଆଡେ ଦିଲ୍ଲୀ ଯିବାପାଇଁ ଇଚ୍ଛୁକ ନୁହଁନ୍ତି। ବିଜେଡିର ଅନ୍ୟ ଏକ ବିଜୟୀ ଆସନ ହେଉଛି ମୋରଡ଼ା। ଏହା ଜିଲ୍ଲାର ଏକମାତ୍ର ଅସଂରକ୍ଷିତ ଆସନ। ଏଠାରେ ପାର୍ଟି ନୂଆ ମୁହଁ ଖୋଜୁଥିବାର ଶୁଣିବାକୁ ମିଳୁଛି। ଏହି ନୂଆ ସମ୍ଭାବିତ ମୁହଁ କିଏ ତାହାର ମଧ୍ୟ ଚର୍ଚ୍ଚା ଚାଲିଛି। ଗତ ବିଧାନସଭା ନିର୍ବାଚନରେ ଯେଉଁମାନେ ବିଜେଡିରୁ ଟିକେଟ ନେଇ ପରାଜିତ ହୋଇଛନ୍ତି ସେମାନଙ୍କ ବଦଳରେ କିଛି ନୂଆମୁହଁ ବିଜେଡି ଖୋଜୁଥିବାର ଆଲୋଚନା ଚାଲିଛି। ତେଣୁ ଅନେକ ଆଶାୟୀ କସରତ ଆରମ୍ଭ କରିଛନ୍ତି।

ଆଗାମୀ ନିର୍ବାଚନରେ ସାମାଜିକ ସମୀକରଣର ସ୍ପଷ୍ଟ ପ୍ରଭାବ ଦେଖିବାକୁ ମିଳିବ। ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିମାନେ ଜିଲ୍ଲା ନିର୍ବାଚନକୁ ପ୍ରଭାବିତ କରିବାର ସମ୍ଭାବନା ରହିଛି। ଜିଲ୍ଲାରେ ଓବିସିଙ୍କ ସଂଖ୍ୟା ପ୍ରାୟ ୩୨%। ଏସଟିଙ୍କ ସଂଖ୍ୟା ୫୮.୭% ଓ ଏସସିଙ୍କ ସଂଖ୍ୟା ୭.୩%। ମୋରଡ଼ା ବିଧାନସଭା ଆସନ ଗଠିତ ହେବା ପରଠାରୁ ଓବିସି ବର୍ଗରୁ କେହି ଏମଏଲଏ ହେବାର ସୁଯୋଗ ପାଇନାହାଁନ୍ତି। ପ୍ରତିଷ୍ଠିତ ରାଜନୈତିକ ଦଳମାନେ କେହି ଏମାନଙ୍କୁ ଟିକେଟ ଦିଅନ୍ତି ନାହିଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ। ଯଦିଓ ଏହି ନିର୍ବାଚନ ମଣ୍ଡଳୀରେ ଅର୍ଦ୍ଧେକରୁ ଉର୍ଦ୍ଧ ଓବିସିର ଲୋକ। ଏମାନଙ୍କ ସହିତ ଏସଟି ଓ ଏସସିଙ୍କୁ ମିଶାଇଲେ ସମୁଦାୟ ସଂଖ୍ୟା ୯୯%ରୁ ଅଧିକ ହେବ। ଏସଟି ଓ ଏସସିମାନେ ଜିଲ୍ଲାରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଉଥିବା ବେଳେ ଓବିସିମାନେ ପ୍ରତିନିଧିତ୍ୱର ସୁଯୋଗରୁ ବଞ୍ଚିତ ହେଉଛନ୍ତି। ତେଣୁ ଓବିସି ମହଲରେ କେବଳ ମୋରଡ଼ା ନୁହେଁ ସମଗ୍ର ଜିଲ୍ଲାରେ ଅସନ୍ତୋଷର ପରିବେଶ ରହିଛି। ତେଣୁ ଆଗାମୀ ନିର୍ବାଚନରେ କୌଣସି ରାଜନୈତିକ ଦଳ ଯଦି ଓବିସିକୁ ପ୍ରାର୍ଥୀ କରିଦିଏ ତେବେ ଜିଲ୍ଲାର ରାଜନୈତିକ ସମୀକରଣ ବଦଳିବା ନିଶ୍ଚିତ।

ଯେଉଁ ଦଳ ଓବିସି ପ୍ରାର୍ଥୀ ଦେବ ଜିଲ୍ଲାର ଜନମତ ସେହି ଦଳ ଆଡ଼େ ମୁହାଁଇବ। ସେହି ଦଳ ଲାଭବାନ ହେବ। ଏହାକୁ ରାଜନୈତିକ ଦଳମାନେ କେତେ ଗୁରୁତ୍ୱର ସହିତ ବିଚାର କରିବେ ତାହା ଦେଖିବାକୁ ହେବ।

ତେବେ ଏହା ନିଶ୍ଚିତ ଯେ ମୟୂରଭଞ୍ଜବାସୀ ସର୍ବଦା ବିଜ୍ଞତାର ସହିତ ନିଜର ଭୋଟାଧିକାକୁ ପ୍ରୟୋଗ କରିଆସିଛନ୍ତି ଓ ଆଗାମୀ ନିର୍ବାଚନରେ ମଧ୍ୟ ଚତୁରତାର ସହିତ ଏହାର ପ୍ରୟୋଗ କରିବେ। ସାମାଜିକ ସମୀକରଣ ସହିତ ଜିଲ୍ଲାର ବିକାଶ, ଭ୍ରଷ୍ଟାଚାର ମୁକ୍ତ ଶାସନ, ସାଧାରଣ ଜନତାଙ୍କ ମୌଳିକ ଆବଶ୍ୟକତାର ପୂରଣ ପ୍ରଭୃତି ମୁଖ୍ୟ ରାଜନୈତିକ ଇସ୍ୟୁଭାବେ ଆଗାମୀ ନିର୍ବାଚନରେ ଉଭା ହେବା ନିଶ୍ଚିତ। ଏ ସମସ୍ତ ବିଷୟକୁ ଜିଲ୍ଲା ରାଜନୀତିରେ କିଛି ପରିବର୍ତ୍ତନର ସମ୍ଭାବନା ରହିଛି।


ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦







## ଫେସନ ନହେଉ ରାକ୍ଷୀ

### କସ୍ତୁରୀ ଚରଣ ରାଉତ

ଆଜିକାଲି ଆମେ ଫେସନ କରିକି
ଡାକରେ ପଠାଉ ରାକ୍ଷୀ
ସେନେହ ସରାଗ ଚୁଲିକି ଗଲାଣି
ପଇସା ଉପରେ ଆଖି ।

ନାହିଁ ଚିହ୍ନବର୍ଣ୍ଣ ମମତା ବନ୍ଧନ
ଲୋକ ଦେଖାଣିଆ ଖାଲି
ସ୍ୱାର୍ଥରେ ଟିକିଏ ଆଞ୍ଚ ଆସିଗଲେ
ସଂପର୍କଟା ଚୋରାବାଲି ।

ଭାଇ ଭଉଣୀର ମଧୁର ସଂପର୍କେ
ଆବିଳତା ଭରପୂର
ଭଉଣୀ ଦୁଃଖରେ ଭାଇ କାନ୍ଦେନାହିଁ
କରିଦିଏ ପାଶୁ ଦୂର ।

ମମତା ଡୋରିରେ କଳଙ୍କ ବି ଲାଗେ
ସଂପର୍କଟା କଲବଲ
ବଳି ପଡ଼େ କେତେ ନିରୀହ ଜୀବନ
କାହାକୁ କହିବା ଭଲ ?

ଭଉଣୀ ବି କେବେ ସୂର୍ପଣଖା ସାଜେ
ନିଜ ଅହଙ୍କାର ଧରି
ମିଠା କଥା କହି ଭିତରେ ଭିତରେ
ବିଷ ଦେଇଥାଏ ଭରି ।

ଯେତେ ଦୂରେ ଥିଲେ ଶୁଭ
ମନାସିଲେ
ଅମୃତ ଭାବନା ଧରି
ବିନା ରାକ୍ଷୀରେ ବି ସଂପର୍କର ରଜ୍ଜୁ
ଦୃଢ ହେବ ସର୍ବୋପରି ।

ଅଅଅଅ


+ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ବଲାଙ୍ଗିର
ମୋ.୮୯୧୭୩୯୭୩୪୮


## ବର୍ଷା

### ନିରଞ୍ଜନ ସାହୁ

ତୁମରି ଆଖିରୁ ଲୁହ ଝରିଗଲେ
ସତେକି ବରଷା ଝରେ
ତୁମରି ଛାତିରେ କୋହ ଉଠୁଥିଲେ
ବଜ୍ର ପରି ଡରି ମରେ ।
ତୁମେ ରୁଷିଗଲେ ତୁମରି ମୁହଁରେ
ବାଦଲ ଆସଇ ମାଡି
ତୁମ କାନ୍ଦଣାର ଘନ ନିଶ୍ୱାସରେ
ଅଣଚାଷ ବାୟୁ ଧାଡି
ତୁମ ଦୁଃଖମିଶା ଚାହାଣି ଭିତରେ
ବିଜୁଳି ମାରଇ ଖରେ ।
ତୁମେ ରାହା ଧରି ଉଚ୍ଚରେ
କାନ୍ଦିଲେ
ଧାର ଧାର ଝରେ ଲୁହ
କେମିତି ସରିବ ଏ ଝଡି ବରଷା
ଉପାୟ ମୋତେ କେ' କୁହ
ସହି ପାରେନା କି କହି ପାରେନା କି
ରହିପାରେ ନାହିଁ ଘରେ ।


ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩


## ମୃତ୍ୟୁର ଅପେକ୍ଷା

### ପବିତ୍ର ବେହେରା



ଦିଅ ଯେତେ ଗାଳି ଦେବ
କର ଯେତେ ଘୃଣା କରିବ
ଆଜି ନ ହେଲେ କାଲି
ଉଡ଼ି ଯିବ ମୋର ପ୍ରାଣ ବାୟୁ
ଆଉ ନଥିବି ଶୁଣିବାକୁ ତୁମ
ଘୃଣା, ଗାଳି ଲିଭିଯିବ ସବୁ ଚିହ୍ନ
ମୋର।

କେଉଁ ନିର୍ଜନ ବେଳାରେ
ହଠାତ୍ ଅନ୍ଧକାର ଅନ୍ଧାର ମାଡି
ଆସିବା, ଅକସ୍ମାତ ଅକ୍ଷମ ଅସ୍ଥିର
ହୋଇପଡିବ ଦେହର ସବୁ ଅଙ୍ଗ।

ଶରୀରର ନଈ ପଠାରେ
ମିଞ୍ଜି ମିଞ୍ଜି ଲଣ୍ଠନ ପରି
ଜୀବନଟା କେତେବେଳେ
ସନ୍ଧ୍ୟାର ଗୋ-ଧୂଳିରେ ଧୂଳିସାତ
ହୋଇଯିବ।

ସ୍ୱପ୍ନ ଆଉ ବାସ୍ତବତା ମୁହାଁଣ ରେ
ଜୀବନ ର କୋଟି ଆଶା ନେଇ
କୁହୁଡି ପହଁରୁଥିବା ଶରୀର
କେତେବେଳେ ଅକ୍ଷୁର୍ଣ୍ଣ,ଅକ୍ଷତ
ଅପମାନ ର ପଦଧ୍ୱନୀ ରେ ନୀରିବି
ଯିବ।

ଯିବି ପଳାଇ ଦୂରେ ସୁଦୂରେ
ସ୍ୱପ୍ନଲୋକ ଗୋପନ ପୁରେ
ଫିଙ୍ଗି ଦେଇ ପ୍ରେମ, ପ୍ରଣୟ,
ବ୍ୟର୍ଥତା
ଅବସାଦ, ଶୂନ୍ୟତା ନୈରାଶ୍ୟବୋଧ
ଋଷିକୂଲ୍ୟା ର ରକ୍ତଭିଜା ସନ୍ଧ୍ୟା
ଆକାଶରେ ନିଃଶବ୍ଦ ହୋଇଯିବି
ନିଦାରୁଣ ଯନ୍ତ୍ରଣାରେ।
ଅବଶ୍ୟ ଏ କଥା ସତ୍ୟ ବର୍ତ୍ତମାନ
ସବୁ ଧୀରେ ଧୀରେ ଭୁଲିଯିବେ
ମୋତେ,
କାହା ମନରେ ପୋଡ଼ାଜଳା କଷ୍ଟ
ଦେଇଛି,
କାହା ମନରେ ଅମୃତଭରା ପ୍ରେମ
ଦେଇଛି
କିନ୍ତୁଣମୋର ଚିନ୍ତା ଆବେଗଭରା
ସମନ୍ୱୟ
ଗଭୀରତା ଭାବେ ତୁମ ସମସ୍ତଙ୍କ
ମନରେ
ଘର କରିଦେବ।

ହେ ସମୟ
କେବେ କହ, କେବେ କହ
ମୋ ଗ୍ରାମ ର ଶ୍ମଶାନ ପଥ ହେବ
ମୋର ଶେଷ ପଥ।
ହେ ସମୟ କେବେ କହ
କେବେ ହେବ ମୋର ଶେଷ ଯାତ୍ରା
ରାମ ନାମ ସତ୍ୟ ହେ ମନ୍ତ୍ରରେ
ଆହ୍ଲାଦିତ।


ବାହାଲପୁର, ଗଞ୍ଜାମ
ମୋ: ୭୭୮୮୮୮୬୬୦୨

# ଦେଉଳାରେ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଏବଂ ସୁବର୍ଣ୍ଣରେଖା ବନ୍ଦର ତରଫରୁ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ



ଲଙ୍ଗଳେଶ୍ୱର, ୦୧/୦୯ (ନି.ପ୍ର): ଆଜି ବାଲିଆପାଳ ବ୍ଲକ ଦେଉଳା ଗ୍ରାମର ବାତ୍ୟା ଆଶ୍ରୟସ୍ଥଳୀ ଠାରେ ଟାଟା ଷ୍ଟିଲ ଫାଉଣ୍ଡେସନ ଏବଂ ସୁବର୍ଣ୍ଣରେଖା ବନ୍ଦର ତରଫରୁ ବିଶାଳ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣରେଖା ବନ୍ଦରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଦେଉଳା ପଞ୍ଚାୟତର ସରପଞ୍ଚ ସରୋଜ କୁମାର ପିଳା ଏବଂ ସମିତି ସଦସ୍ୟା ଦୀପ୍ତିଲି ଦାସ ଯୋଗଦାନ କରି ଆଜିର ବିଶାଳ ସ୍ୱାସ୍ଥ୍ୟ ଶିବିରକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନ ବାଲେଶ୍ୱର ମୁଖ୍ୟ ପ୍ରମୋଦ କୁମାର ପାତ୍ର, ଏସ.ପି.ପି.ଏଲ୍ ର ସମସ୍ତ ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ । ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ବିଭିନ୍ନ ବିଭାଗର ଚିକିତ୍ସା କରାଯିବା ସହ ଔଷଧ ମଧ୍ୟ ଯୋଗାଇ ଦିଆଯାଇଥିଲା ।ଆଜିର ଏହି ବିଶାଳ ସ୍ୱାସ୍ଥ୍ୟ ଶିବିରରେ ମୁଖ୍ୟତଃ ୫ଟି ବିଭାଗର ଡାକ୍ତର ଉପସ୍ଥିତ ଥିଲେ । ଭେଷଜ,ସ୍ତ୍ରୀ ଓ ପ୍ରସୂତି ,ଚର୍ମ,ଶିଶୁ ଓ ଆଖି ବିଭାଗର ବରିଷ୍ଠ ବିଶେଷଜ୍ଞ ମାନଙ୍କ ଦ୍ୱାରା ଲୋକଙ୍କ ଚିକିତ୍ସା କରାଯାଇଥିଲା ।ଏହି ଭଳି ଆଗକୁ ମଧ୍ୟ ଅନେକ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଟାଟା ଷ୍ଟିଲ ବାଲେଶ୍ୱର ମୁଖ୍ୟ ପ୍ରମୋଦ ପାତ୍ର ସୂଚନା ଦେଇଥିଲେ । ବାଲିଆପାଳ ଅଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଗୋଟିଏ ମୋବାଇଲ ପବ୍ଲିକ ହେଲଥ ୟୁନିଟ ମଧ୍ୟ ପ୍ରତ୍ୟେକ ନିର୍ଦ୍ଧାରିତ ପଞ୍ଚାୟତର ଗ୍ରାମଗୁଡିକରେ ପରିକ୍ରମା କରାଯାଉଅଛି ।

# ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ୨୦୨୩ ସ୍ୱାୟତ୍ତ ଶାସନ ଦିବସ ପାଳିତ




ନୀଳଗିରି , ୦୧/୦୯ (ନି.ପ୍ର): ନୀଳ ପର୍ବତ ପାଦଦେଶରେ ଅବସ୍ଥିତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଛୋଟିଆ ସହର ନୀଳଗିରି। ସବୁଜ ବନାନୀ ପରିବେଷ୍ଟିତ ଏହି ସହର ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପରେ ଧୀରେ ଧୀରେ ଉନ୍ନତି ପଥରେ ଆଗେଇ ଚାଲିଛି। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଗୁରୁବାର ପୂର୍ବାହ୍ନରେ ପ୍ରଥମାର୍ଦ୍ଧ କାର୍ଯ୍ୟକ୍ରମରେ ନୀଳଗିରି ଏନ୍.ଏ.ସି ଅଧ୍ୟକ୍ଷା ଶ୍ରୀମତୀ ଅମ୍ବିକା ଦାସ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ମହେନ୍ଦ୍ର ବେହେରା ସମେତ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ପରେପରେ କାର୍ଯ୍ୟାଳୟପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଏନ୍ଏସି ର ପୂର୍ବତନ ଅଧ୍ୟକ୍ଷ ଓ କାଉନସିଲର ମାନଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ସ୍ଥାନୀୟ ହସ୍ପିଟାଲ ଓ ଜେଲ ରେ ଫଳ ବଣ୍ଟନ କରାଯାଇଥିଲା। ଦିତିୟାର୍ଦ୍ଧରେ ସନ୍ଧ୍ୟା ୫ଟା ବେଳେ ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ସଭାପତିତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଭୂୟସୀ ପ୍ରଶଂସା କରିବା ସହିତ ଭୂମିହୀନ ମାନଙ୍କୁ ଜାଗା ମିଶନ ଜରିଆରେ ଏକ ହଜାର ପଟ୍ଟା ବଣ୍ଟନ କରି ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବାର ଖୁସି ବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଯୋଗ ଦେଇ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ଏପରି ଜନମୁଖୀ କାର୍ଯ୍ୟକ୍ରମ ପାଇଁ ରାଜ୍ୟର ଅନ୍ୟ ସହରାଞ୍ଚଳ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ବିଡ଼ିଓ ରାହୁଲ ମଣ୍ଡଳ, ଏସଡିସି ଅଧ୍ୟକ୍ଷ ମଦନ ମୋହନ ମାଝୀ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ୍ଏସି ନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ, ବିଜେଡି ଜିଲ୍ଲା ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ, ଆଇନଜୀବୀ ଅମର ପଟ୍ଟନାୟକ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ। କୁନି କୁନି ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## କବି ଜୟନ୍ତ ମହାପାତ୍ରଙ୍କ ସ୍ମୃତି ଚାରଣ

ଖଇରା, ୦୧/୦୯ (ନି.ପ୍ର): ଅନ୍ତର୍ଜାତୀୟ ଖ୍ୟାତି ସମ୍ପର୍ଣ୍ଣ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ଖଇରା ଠାରେ ଅନୁଷ୍ଠିତ ହୋଇ ଯାଇଛି । ଖଇରା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ସ୍ମୃତିସଭାରେ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ ଦିବଂଗତ କବିଙ୍କ ସହ ବ୍ୟକ୍ତିଗତ ଆଳାପ ଓ ଅନୁଭୂତିକୁ ବର୍ଣ୍ଣନା କରିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ବହୁ ଅମୂଲ୍ୟ ପୁସ୍ତକ ପ୍ରଦାନ ନେଇ ସଦସ୍ୟ ମାନେ ଆଲୋକପାତ କରିଥିଲେ। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ, ବୁଦ୍ଧିରାମ ପାଣିଗ୍ରାହୀ, ରିତାରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ଯାତ୍ରୀ ବିଶ୍ରାମାଗାର ପାଇଁ ପ୍ରସ୍ତୁତି ଆରମ୍ଭ

ଖଇରା, ୦୧/୦୯ (ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ବରିଷ୍ଠ ନାଗରିକ ମଞ୍ଚ ,ଜନଜାଗରଣ ମଞ୍ଚ ତରଫରୁ ଖଇରା ବସଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବାରମ୍ବାର ଦାବୀ କରାଯିବା ଏବଂ ଏବେ ଅଧିକାରୀଙ୍କ ଚିଠି ପହଞ୍ଚିବା ପରେ ଏବେ ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମଙ୍ଗଳବାର ଖଇରା ବ୍ଲକ ପରିସରରେ ବିଡିଓ ଉତ୍ତମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଆଇସି ଗୟାଧର ବେହେରା,ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ,ସମ୍ପାଦକ ମୁକ୍ତକାନ୍ତ ଶତପଥି,କୋଷାଧକ୍ଷ ଅନାମ ଚରଣ ପଣ୍ଡା,ବସମାଲିକ ନରେନ୍ଦ୍ର ନାଥ ଧର,ମହିଳା ମହାସଂଘ ସଭାପତି ସୁମିତ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ବିଶ୍ରାମାଗାରର ଏଷ୍ଟିମେଟ ପ୍ରସ୍ତୁତ କରିବାକୁ ବିଡିଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବରିଷ୍ଠ ନାଗରିକ ମଞ୍ଚ ୫-ଟି ସଚୀବ ଓ ଜନଜାଗରଣ ମଞ୍ଚ ତରଫରୁ ଜିଲାପାଳଙ୍କୁ ଏ ସମ୍ପର୍କରେ ଦାବୀପତ୍ର ପ୍ରଦାନ କରାଯାଇଥିଲା ।

# ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳିତ




ବାସୁଦେବପୁର, ୦୧/୦୯ (ନି.ପ୍ର): ବାସୁଦେବପୁର ପୌର ପାଳିକା ପକ୍ଷରୁ ନୀଳମଣି ଟାଉନ ହଲ ପରିସରରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି । ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ ଏଥିରେ ସଭାପତିତ୍ୱ କରିଥିଲେ । ଏହି ଦିବସ ରେ ଭଦ୍ରକ ର ମାନ୍ୟବର ସାଂସଦ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୌର ପାଳିକା ର ଅଧ୍ୟକ୍ଷ ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ ସମାଜ ସେବା ମୂଳକ କାର୍ଯ୍ୟ ରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିତ୍ୱ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଦିବସ ରେ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟକ୍ରମ ର ଶୁଭ ଉଦଘାଟନ କରାଯାଇଥିଲା । ଏଥି ସହିତ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହିତ ରୋଗୀ ମାନଙ୍କୁ ଡାକ୍ତରଖାନା ରେ ଫଳ ବଣ୍ଟନ କରାଯାଇଥିଲା । ସମସ୍ତ ପୌର କର୍ମଚାରୀ ସହଯୋଗ କରିଥିଲେ । ଶିକ୍ଷ ପତି ଶୁଭେନ୍ଦୁ ଭୂଷଣ ବେହେରା, ସାଂସଦ ପ୍ରତିନିଧି ସୁରେଶ ମହାନ୍ତି,କାଉନ ସିଲର ଭକ୍ତ ରଞ୍ଜନ ପଟ୍ଟନାୟକ, ଜଗବନ୍ଧୁ ଦାସ,ମାନସ ସାହୁ ଓ ସମସ୍ତ କାଉନ ସିଲର ଯୋଗ ଦେଇଥିଲେ।

# ବଲାଙ୍ଗିର ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ

ବଲାଙ୍ଗିର , ୦୧/୦୯ (ନି.ପ୍ର): ଆଜି ସକାଳେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହେଇଯାଇଛି । ଜିଲ୍ଲା ପରିଷଦ ସଭା ଗୃହ ରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଅଧକତା ରେ ଅନୁଷ୍ଠିତ ହେଇଯାଇଛି । ଏହି ସଭାରେ ବିଭିନ୍ନ ଉନ୍ନୟନ ମୂଳକ କାର ?ୟ ସମ୍ବନ୍ଧରେ ଆଲୋଚନା ହେଇଥିଲା । କେନ୍ଦ୍ରୀୟ ପଂଚଦଶ ଅର୍ଥ କମିଶନ ଓ ଏହି ଅନୁଦାନର ପ୍ରକଳ୍ପ , ଗ୍ରାମ୍ୟ ପାନୀୟ ଜଳ ଯୋଗାଣ , ସ୍ୱାସ୍ଥ୍ୟ ସେବା, ଶିକ୍ଷା , ଯୋଗାଣ, ସମାଜ ସୁରକ୍ଷା , ଯୋଜନା,ଜଳସେଚନ , ଜଙ୍ଗଲ ,ରାସ୍ତା ,ଶ୍ରମ,କୃଷି ଗ୍ରାମ ଉନ୍ନୟନ , ପୂର୍ତ୍ତ ବିଭାଗ ବିଷୟରେ ଆଲୋଚନା ହେଇଥିଲା । ପୂର୍ବ ବୈଠକରେ ହୋଇଥିବା ପ୍ରଶ୍ନମାନଙ୍କର ଉତର ରଖିଥିଲେ ବିଭାଗୀୟ କତୃପକ୍ଷ। ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗ ଗୁଡିକର ସମାଧାନ ତଥା ନୂଆ ସଂକଳ୍ପ ବିଷୟରେ ଆଲୋଚନା ହେଇଥିଲା । ଏଥିରେ କୌଣସି ବ୍ୟାଘାତ ଘଟିଲେ ୧୯୧୬ ନିଶୁଳ୍କ ନମ୍ବରରେ କଥା ହେଇ ଅଭିଯୋଗ ଗୁଡିକ ସମାଧାନ କରିହେବ ବୋଲି ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ କତୃପକ୍ଷ କହିଥିଲେ । ସେହିପରି ମରୁଡି ପରିସ୍ଥିତି ଉପୁଜିଲେ ବିଳମ୍ବ ହେଉଥିବା ବୀମା ଟଙ୍କା ପାଇବା ସଙ୍କ୍ରାନ୍ତେ ଜିଲ୍ଲା ପ୍ରଶାସନ ତରଫ ରୁ ଏକ ଦଳ ନିରୀକ୍ଷଣ କରିବ ବୋଲି ଜିଲ୍ଲାପାଳ କହିଥିଲେ । ସେହିପରି ସ୍କୁଲମାନଙ୍କରେ ପୋଷାକ , ପୁସ୍ତକ ତଥା ଖାଦ୍ୟ ଗୁଣବତାକୁ ଗୃହରେ ପ୍ରତିନିଧି ମାନେ ସନ୍ତୋଷ ପ୍ରକାଶ କରିଥିଲେ । ତେବେ ଶିକ୍ଷକ ଅଭାବ କୁ ଖୁବ ଶୀଘ୍ର ସରକାରଙ୍କ ଦ୍ୱାରା ପରୀକ୍ଷା ମାଧ୍ୟମରେ ପୂରଣ କରାଯିବ ବୋଲି ଜିଲ୍ଲା ଶିକ୍ଷାଧିକାରୀ ଗୃହକୁ ସୂଚନା ଦେଇଥିଲେ । କିଛି ସ୍କୁଲ ଘର କାମ ନିମ୍ନ ମାନର ହେଇଥିବା ଅଭିଯୋଗ କୁ ଜିଲ୍ଲାପଲ ଗୁରୁତ୍ୱର ସହ ନେଇ ଯତ୍ରହ ଶୀଘ୍ର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହି ଭଳି କିଛି ରାସ୍ତା ଅଧପନ୍ତରିଆ ଥିବା କାମ ସାରିବାକୁ ସମ୍ପୃକ୍ତ ବିଭାଗ କୁ ନିର୍ଦ୍ଦେଶ ଦେଇଥିଲେ । ରାସ୍ତା ଓ ପୂର୍ତ୍ତ ବିଭାଗ ଦ୍ୱାରା ହୋଇଥିବା ଅନେକ କାର୍ଯ୍ୟ ପ୍ରଶଂସିତ ହେଇଥିଲା । ନୂତନ ମେଡିକାଲ କୋଠା ର କାର୍ଯ୍ୟ ଶେଷ କରି ମେଡିସିନ ୱାର୍ଡକୁ ଜଲ୍‌ଦି ସ୍ଥାନାନ୍ତର ପାଇଁ ଜିଲ୍ଲାପାଳ ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲୋଇସିଂହା ବିଧାୟକ ମୁକେଶ ମାହାଲିଙ୍ଗ, କଂଟାବାଞ୍ଜି ବିଧାୟକ ଶ୍ରୀ ସନ୍ତୋଷ ସିଂ ସାଲୁଜା, ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲାର ସମସ୍ତ ଅନ୍ୟ ବିଧାୟକଙ୍କ ପ୍ରତିନିଧି ଗଣଏହି ସଭା ରେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଚଂଚଲ ରାଣା, ମୁଖ୍ୟ ଉନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁଶାନ୍ତ କୁମାର ସିଂହ ସଭା ରେ ଉପସ୍ଥିତ ରହିଥିଲେ ।

# ଓଡିଶା ନିଶାନିବାରଣ ଆଇନ୍ କାର୍ଯ୍ୟକାରୀ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ

ଜଳେଶ୍ୱର , ୦୧/୦୯ (ନି.ପ୍ର): ରାଜ୍ୟରେ ୧୯୫୬ ମସିହାରେ ଓଡିଶା ନିଶା ନିବାରଣ ଆଇନ୍ ସୃଷ୍ଟି ହୋଇଥିବା ବେଳେ ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଜି ଜଳେଶ୍ୱରର କେତେକ ଛାମୁଆ ନେତା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୨୫ବର୍ଷ ପୂର୍ବେ ମଦ ବିକ୍ରିରୁ ୧୨୦ କୋଟି ଟଙ୍କା ସରକାର ରାଜସ୍ୱ ପାଉଥିବା ବେଳେ ଚଳିତବର୍ଷ ୧୨ହଜାର କୋଟି ଟଙ୍କା ପାଇବାର ଅଟକଳ ହୋଇଛି । ଅନ୍ୟପକ୍ଷରେ ହଜାର ହଜାର ବ୍ୟକ୍ତିଙ୍କ ଜୀବନ ନଷ୍ଟ ହୋଇଛି । ଘର ଉଜୁଡି ଯାଂଇଛି । ପିତାମାତା ମୃତ୍ୟୁମୁଖରେ ପଡିଛନ୍ତି ଓ ଅସାମାଜିକ କାର୍ଯ୍ୟ ବହୁଗୁଣରେ ବଢିଛି । ତେଣୁ ଏପରି ଆଇନ୍‌କୁ ତୁରନ୍ତ କାର୍ଯ୍ୟକାରୀ କରିବାପାଇଁ ପ୍ରଦୀପ ସିଂହ, ଜ୍ୟୋତିଶ କର, ରବିନ୍ଦ୍ର ସିଂ, ସମାଜ କୁମାର ଦାସ, ହେମନ୍ତ ଗିରି, ଗଣେଶ ଜେନା, ପୂର୍ଣ୍ଣଚନ୍ଦ୍ର ମହୁରୀ, ସତ୍ୟେବ୍ରତ ପ୍ରଧାନ, ଶାନ୍ତନୁ ପଟ୍ଟନାୟକ, ମଧୁମିତା ମହାନ୍ତି, କାଳିଚରଣ ଦାସ, ସବିତା ଜେନା, ତପନୀ ଭୂୟାଁ, ଗଜେନ୍ଦ୍ର ଦାସ, କ୍ଷିତିଶ ସିଂହ, ସୁମତୀ ପ୍ରଧାନ, ମନୋଜ ସାମଲ, ଗୌରାଙ୍ଗ ଦାସ, ଝୁନୁ ଟୁଡୁ ପ୍ରମୁଖ ବହୁ ବ୍ୟକ୍ତି ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ରମେଶ ଚନ୍ଦ୍ର ଜେନା ପାଇଲେ କାଳନ୍ଦୀ ଚରଣ କଥା ସମ୍ମାନ: ବିଭିନ୍ନ ମହଲରୁ ଶୁଭେଚ୍ଛା



ବାଲେଶ୍ୱର , ୦୧/୦୯ (ନି.ପ୍ର): ଓଡ଼ିଶାର ପୁରାତନ ସାହିତ୍ୟ ଅନୁଷ୍ଠାନ ସାରଳା ସାହିତ୍ୟ ସଂସଦ କଟକ ପକ୍ଷରୁ ପ୍ରତ୍ୟେକବର୍ଷ ପ୍ରଖ୍ୟାତ କବି ଓ କଥାକାର ପଦ୍ମଭୂଷଣ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ସମ୍ମାନଜନକ କାଳନ୍ଦୀଚରଣ କଥା ସମ୍ମାନ ଚଳିତବର୍ଷ ନିମନ୍ତେ ବାଲେଶ୍ୱରର କଥାକାର ରମେଶ ଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଛି। ଗତ ୨୮ତାରିଖ ସନ୍ଧ୍ୟାରେ କଟକ ସହରସ୍ଥିତ ସାରଳାଭବନରେ ଶ୍ରୀ ଜେନା ଏହି ସମ୍ମାନ ପ୍ରଖ୍ୟାତ ସାହିତ୍ୟିକ ହରପ୍ରସାଦ ଦାସଙ୍କ ହସ୍ତରୁ ଗ୍ରହଣ କରିଛନ୍ତି। ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଂସଦର ପ୍ରଥମ ସଭାପତି ବିଖ୍ୟାତ ଲେଖକ କାଳନ୍ଦୀ ଚରଣ ପାଣିଗ୍ରାହୀଙ୍କ ସ୍ମୃତିରେ ଅନୁଷ୍ଠିତ ସାରସ୍ୱତ ସନ୍ଧ୍ୟାକୁ ଓଡ଼ିଶା ଉଚ୍ଚନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଜଷ୍ଟିସ୍ ଡ. ଦୁର୍ଗାପ୍ରସନ୍ନ ଚୌଧୁରୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି କବି ହରପ୍ରସାଦ ଦାସ, ଡ. ସତ୍ୟନାରାୟଣ ପଣ୍ଡା, ଡ. ସଂଘମିତ୍ରା ଭଞ୍ଜ ବିଶିଷ୍ଟ ଅତିଥିଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଏହି ଉତ୍ସବରେ କବି ପନାକୀ ମିଶ୍ର, ଡ. ଚନ୍ଦ୍ରଶେଖର ହୋତା ଓ ରମେଶଚନ୍ଦ୍ର ଜେନାଙ୍କୁ କବିତା, ପ୍ରବନ୍ଧ ଓ କଥାସମ୍ମାନ ଅର୍ପଣ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରେଳବିଭାଗରୁ ଅବସରପରେ ପରିଣତ ବୟସରେ ଲେଖନୀ ଚାଳନା କରି ରମେଶ ଚନ୍ଦ୍ର ଜେନା ଇତିମଧ୍ୟରେ ଅନେକ ସଫଳ ଉପନ୍ୟାସ ଓ ଗଳ୍ପ ପୁସ୍ତକ ରଚନା କରିବାରେ ସଫଳତା ପାଇଛନ୍ତି। ତାଙ୍କ କାହାଣୀରେ ଥିବା ସମାଜର ଅବହେଳିତ, ଶୋଷିତ ଶ୍ରେଣୀର ସ୍ୱର ସହ ଜାତିପ୍ରଥାର କୁପରିଣାମ ସାଙ୍ଗକୁ ସମାଜ ଓ ପାରିବାରିକ ଜୀବନର ଅତିବାସ୍ତବ ଘଟଣାର ହୃଦୟସ୍ପର୍ଶୀ ବର୍ଣ୍ଣନା ପାଠକଙ୍କୁ ମୁଗ୍ଧ କରିଥାଏ। ତାଙ୍କ କଥାସାହିତ୍ୟକୁ ଏଭଳି ମର୍ଯ୍ୟାଦାଜନକ ସମ୍ମାନ ମିଳିଥିବାରୁ ବାଲେଶ୍ୱର ଜିଲ୍ଲାର ସାହିତ୍ୟିକ ଓ ବିଭିନ୍ନ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନରେ ଆନନ୍ଦର ଲହରୀ ଖେଳିଯାଇଛି। ବିଶେଷଭାବେ ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ପକ୍ଷରୁ ଶ୍ରୀ ଜେନାଙ୍କ ବହିଗୁଡ଼ିକ ପ୍ରକାଶପାଇ ପାଠକଙ୍କ ଦ୍ୱାରା ଆଦୃତି ହୋଇଥିବା ଏହାର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ଶ୍ରୀ ଜେନାଙ୍କୁ ଶୁଭେଚ୍ଛ ଜଣାଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ଡ. କାର୍ତ୍ତିକପ୍ରସାଦ ଜେନାଙ୍କ ସମେତ ଅନେକ ଲେଖକ ଲେଖିକା ଏବଂ ବିଶିଷ୍ଟ ବ୍ୟକ୍ତିଗଣ ଶ୍ରୀ ଜେନାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସେ ବାଲେଶ୍ୱର ଜିଲ୍ଲାର ବହୁ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିଚାଳନାରେ ସକ୍ରିୟ ଯୋଗଦାନ ରଖିଆସୁଛନ୍ତି।

# ନିଳଗିରି ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ



ନୀଳଗିରି , ୦୧/୦୯ (ନି.ପ୍ର): ନିଳଗିରିକୁ ଜିଲ୍ଲା ଦାବୀ ନେଇ ବହୁବାର ସର୍ବଦଳୀୟ ବୈଠକ କରାଯାଇଥିବା ବେଳେ ଆଜି ନିଳଗିରି ଡାକବଙ୍ଗଳା ପରିସରରେ ନୀଳଗିରିର ପୂର୍ବତନ ନଗରପାଳ ରଧାଗୋବିନ୍ଦ ଖଟୁଆଙ୍କ ପୌରହିତ୍ୟରେ ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଅଛି। କମିଟିର ଆବାହକ ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡଙ୍ଗୀ ଆସନ୍ତା ଦିନରେ ନିଳଗିରି କୁ ଜିଲ୍ଲା ଘୋଷଣା ପାଇଁ ଗ୍ରାମ ସ୍ତରରୁ ପଞ୍ଚାୟତସ୍ତରରୁ ଜନ ଜାଗରଣ କରାଯିବାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏନେଇ ରାଜ୍ୟ ସରକାର ୧୨ଗୋଟି ପ୍ରସ୍ତାବକୁ ଗ୍ରହଣ କରିଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଆସନ୍ତା ସେପଟ୍ମେର ୧୬ରେ ଏକ ବିରାଟ ଜନସମାବେଶ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜିଲ୍ଲା ଦାବିକୁ ଜନାଭିମୁଖି କରିବା ପାଇଁ ୩୧ଜଣିଆ କମିଟି ଗଠନ କରାଯାଇଛି। ବୈଠକରେ ବହୁ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ

ସୁବର୍ଣ୍ଣପୁର, ୦୧/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସରକାରୀ ଏଏନଏମ ତାଲିମ କେନ୍ଦ୍ରରେ ଜିଲ୍ଲା ସ୍ତରୀୟ ଚକ୍ଷୁଦାନ ପକ୍ଷ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଶ୍ୱରଞ୍ଜନ ପତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି ଓ ଲେପ୍ରୋସି) ଡା ପଦ୍ମହଂସ ଦୋରା,ଚକ୍ଷୁ ବିଶେଷଜ୍ଞ ଡା ସଞ୍ଜିବ କୁମାର କର ,ପ୍ରିନସିପାଲ କନକଲତା ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଅତିଥି ମାନେ ଜାତୀୟ ଚକ୍ଷୁଦାନ ପକ୍ଷ ପାଳନର ତାର୍ପଯ୍ୟ ଉପରେ ଗୁରୁତ୍ୱାରୋପ କରି ଚକ୍ଷୁଦାନ ଏକ ମହତ କାର୍ଯ୍ୟ ଯାହା ଦୃଷ୍ଟିହୀନଙ୍କୁ ଚକ୍ଷୁ ପ୍ରଦାନ କରି ଏକ ନୂଆଁ ସକାଳ, ନୂଆ ଆଶା, ନୂଆ ଆଲୋକ ପ୍ରଦାନ କରିଥାଏ । ଏଣୁ ଚକ୍ଷୁହୀନ ସଂଖ୍ୟା ନିୟନ୍ତ୍ରଣ କରି ଏକ ସୁସ୍ଥ ସମାଜ ଗଠନ କରିବାରେ ଆମେ ଯେପରି ବିଶେଷ ସହାୟକ ହୋଇପାରିବା ସେଥି ନିମନ୍ତେ ସମସ୍ତେ ସବୁ ସ୍ତରରେ ଯତ୍ନବାନ ହେବାକୁ ଗୁରୁତ୍ୱାରୋପ କରିଛନ୍ତି । ଅତିତିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ସଭା କାର୍ଯ୍ୟ ପରଚାଳିତ ହୋଇଥିବା ବେଳେ ଏଏମଏନସିଡି ଗୀତାଞ୍ଜଳୀ ମେହେର ଏସଆଇ ମନୋଜ କୁମାର ପ୍ରଧାନ ଙ୍କ ପରିଚାଳନାରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର ୧୦ ଜଣ କୃତି ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ । ସଭାରେ ଏଏନଏମ ତାଲିମ କେନ୍ଦ୍ରର ଛାତ୍ରୀ ବୃନ୍ଦ, ଆଶା, ବିଭାଗୀୟ ଅଧିକାରୀ,ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ପ୍ରମୋଦ କୁମାର ସାହୁ ସ୍ୱାସ୍ଥ୍ୟ ପରିଦର୍ଶକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ସରପଞ୍ଚଙ୍କ ବିୟୋଗରେ ସ୍ମୃତିସଭା

ବସ୍ତା, ୦୧/୦୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ସଦର ବ୍ଲକର କୁରାଡିହା ପଞ୍ଚାୟତର ସରପଞ୍ଚ ନିରଞ୍ଜନ ଧଳଙ୍କ ବିୟୋଗରେ ସଦର ବିଜେପି ପକ୍ଷରୁ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଯୁବ ନେତା କାର୍ତ୍ତିକ ପ୍ରଧାନ ପୌରାହିତ୍ୟ କରିଥିଲେ । ସଦର ନିର୍ବାଚନ ମଣ୍ଡଳୀ ନେତା ମାନସ ଦତ୍ତ ଯୋଗ ଦେଇ ସ୍ୱର୍ଗତ ସରପଞ୍ଚ ନିରଞ୍ଜନ ଧଳ ନିଜକୁ ଜନସାଧାରଣଙ୍କ ସେବାରେ ସମର୍ପିତ କରିଥିଲେ ବୋଲି କହିଥିଲେ । ଏହି ସଭାରେ ମଣ୍ଡଳ ସଭାପତି ତପନ ଗିରି, ବରିଷ୍ଠ ନେତା ଗୌରାଙ୍ଗ ଦାସ, ଯୁବ ନେତା ଲୋକନାଥ ଭୂୟାଁ, ସରପଞ୍ଚ ରବିନାରାୟଣ ପ୍ରଧାନ, ନାଏବ ସରପଞ୍ଚ ସୁମିତ୍ରା ବାରିକ, କାର୍ତ୍ତିକ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ତାଙ୍କର ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।



# ନକଲର ଫଳ



**ସୁବ୍ରତ ମଲିକ**

ସାନୁ ବାପା ମାଆଙ୍କ ସହିତ ସହରରେ ରୁହେ । ସେଠାରେ ଏକ ଘରୋଇ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରେ। ସ୍ୱଭାବରେ ବହୁତ ଶାନ୍ତ। ବହୁତ ଭଲ ପାଠ ବି ପଢେ । ସବୁ କାମରେ ପାରଙ୍ଗମ । କିଛି ନ ବୁଝି ବିଚାରି ସବୁବେଳେ ଅନ୍ୟକୁ ନକଲ କରିବାକୁ ଚେଷ୍ଟା କରିବା କିନ୍ତୁ ତାହାର ଏକ ବଦ୍ ଗୁଣ ।

ଥରେ ତା'ର ବିଦ୍ୟାଳୟକୁ ଛୋଟା ଲୋକଟିଏ ବାଡ଼ି ଧରି ସାହାଯ୍ୟ ଭିକ୍ଷା ମାଗିବାକୁ ଆସିଥିଲା । ଗୋଟିଏ ପରେ ଗୋଟିଏ ଶ୍ରେଣୀ ଗୃହକୁ ଯାଇ ନିଜ ସାଧ ମତେ ତାକୁ ସାହାଯ୍ୟ କରିବାକୁ ପିଲାମାନଙ୍କୁ ଅନୁରୋଧ କଲା । ସବା ଶେଷରେ ସେ ଛୋଟା ଲୋକଟି ସାନୁର ଶ୍ରେଣୀ ଗୃହକୁ ପ୍ରବେଶ କଲା । ସେହି ସମୟରେ ଶ୍ରେଣୀରେ ଶିକ୍ଷକ କୌଣସି କାରଣରୁ ଉପସ୍ଥିତ ନ ଥିଲେ । ଛୋଟା ଲୋକଟିର ଚାଲିକୁ ଦେଖି ସାନୁ ସେଇଠି ସଙ୍ଗେ ସାଙ୍ଗମାନଙ୍କ ଆଗରେ ତାକୁ ନକଲ କରି ଚାଲିବାକୁ ଲାଗିଲା । ସାନୁର ଚାଲିକି ଦେଖି ଅନ୍ୟ ପିଲାମାନେ ଠୋ ଠୋ ହୋଇ ଜୋରରେ ହସିବାକୁ ଲାଗିଲେ । ଏହା ଦେଖି ସେହି ଛୋଟା ଲୋକଟି ବହୁତ ଲଜ୍ଜିତ ଅନୁଭବ କଲା ଓ ଆଉ ସାହାଯ୍ୟ ନ ମାଗି ମନ ଦୁଃଖରେ ସେ ସେହି ଶ୍ରେଣୀ ଗୃହରୁ ଫେରିଆସିଲା । କିଛି ସମୟ ପରେ ଶ୍ରେଣୀକୁ ଶିକ୍ଷକ ଆସିଲେ। ପିଲାମାନଙ୍କ ପାଖରୁ ସାନୁର ଏପରି କାର୍ଯ୍ୟ ବିଷୟରେ ଶୁଣି ସାନୁକୁ ତାଗିଦ କଲେ ଓ ଆଉ କେବେ ଏପରି କାର୍ଯ୍ୟ ନ କରିବା ପାଇଁ ବୁଝାଇଲେ । ଏପରି କାର୍ଯ୍ୟ ଭବିଷ୍ୟତରେ କଲେ ନିଜେ ମଧ୍ୟ ହଇରାଣରେ ପଡ଼ିବୁ ବୋଲି ଚେତାବନୀ ମଧ୍ୟ ଦେଲେ । ସାନୁ କିନ୍ତୁ ଶିକ୍ଷକଙ୍କ କଥାକୁ ଏ କାନରେ ପୂରାଇ ସେ କାନରେ ବାହାର କରିଦେଲା ।

ଦଶହରା ପୂଜା ଛୁଟି ହେଲା। ବିଦ୍ୟାଳୟ ବନ୍ଦ । ପୂଜା ଛୁଟିରେ ବାପା ମାଆଙ୍କ ସହିତ ସାନୁ ପ୍ରଥମ ଥର ପାଇଁ ଗାଁକୁ ଆସିଲା । ଗାଁକୁ ନୂଆ କରି ଆସିବା ଯୋଗୁଁ ସେଠାରେ ସବୁ କିଛି ତାକୁ ନୂଆ ନୂଆ ଲାଗୁଥାଏ। ସହରର ପାଣି ପବନ ବାଜି ସେ ତ ସହରିଆ ହୋଇଯାଇଥାଏ । ତଥାପି ନିଜ ବୟସର କେତୋଟି ପିଲାଙ୍କ ସହିତ ସେ ଦିନ କେଇଟାରେ ମିଶିଗଲା । ସେମାନଙ୍କୁ ନିଜ ସାଙ୍ଗ କରିଦେଲା । ଟିକେ ଖରା ଗଡ଼ିଗଲେ ସେମାନଙ୍କ ସହିତ ସାଙ୍ଗ ହୋଇ ସବୁଦିନ ଗାଁ ପଡିଆକୁ ଯାଏ। ଖେଳେ । ଖେଳି ସାରି ଘରକୁ ଫେରେ ।

ପୂଜା ଛୁଟି ସରିଯିବାକୁ ଆଉ ଦିନ କେଇଟା ବାକି ଥାଏ । ଆଉ ସବୁ ଦିନ ପରି ସେ ସାଙ୍ଗମାନଙ୍କ ସହିତ ମିଶି ଗାଁ ପଡ଼ିଆରେ ଖେଳୁଥାଏ । ହଠାତ ଦଳେ ବୁଲା କୁକୁର ପଡିଆ ଭିତରକୁ ପଶି ଆସି ଭୋ ଭୋ ଭୁକିବାକୁ ଲାଗିଲେ । ନ ବୁଝି ବିଚାରି ଅନ୍ୟକୁ ନକଲ କରିବାର ଅଭ୍ୟାସ ତ ସାନୁର ଯାଇ ନଥାଏ। ତେଣୁ ସେ ବି ବୁଲା କୁକୁରଗୁଡିକୁ ଅବିକଳ ନକଲ କରି ଭୋ ଭୋ ଭୋକିବାକୁ ଚେଷ୍ଟା କଲା । ଆଉ କେହି ସେମାନଙ୍କ ପରି ଭୋକିବା ବୁଲା କୁକୁରଗୁଡ଼ାକୁ ସେମାନଙ୍କ ଜାତିକୁ ଥଟ୍ଟା କଲା ପରି ଲାଗିଲା । ତେଣୁ ସେମାନେ ରାଗି ଯାଇ ଏକ ମୁହାଁ ହୋଇ ସାନୁ ଆଡ଼କୁ ଦୌଡ଼ିଲେ। ନିଜ ଆଡ଼କୁ ଏତେ ଗୁଡ଼ାଏ ବୁଲା କୁକୁର ଦୌଡ଼ି ଆସୁଥିବାର ଦେଖି ସାନୁ ଭୟ ପାଇ ଯାଇ ଦୌଡ଼ିବାକୁ ଲାଗିଲା। ସାଙ୍ଗମାନେ ଦୌଡ଼ିବା ପାଇଁ ଯେତେ ମନା କଲେ ବି ସେ ଶୁଣିଲା ନାହିଁ । ଅଳ୍ପ କିଛି ବାଟ ପରେ ସେ ଧଇଁ ସଇଁ ହୋଇଗଲା। ଆଉ ଦୌଡ଼ି ନ ପାରି କଚାଡ଼ିକି ତଳେ ପଡ଼ିଗଲା। ଏହି ମଉକାରେ ବୁଲା କୁକୁରଗୁଡ଼ାକ ତାକୁ କାମୁଡ଼ି ଲହୁ ଲୁହାଣ କରି ପଳାଇଗଲେ ।

ଦେହରୁ ରକ୍ତର ଧାର ଝରୁଥାଏ । ସାଙ୍ଗମାନେ ବହୁ କଷ୍ଟରେ ସାନୁକୁ ଧରି ଘର ପାଖକୁ ନେଇ ଆସିଲେ । ତାର ବାପା ତା'କୁ ସଙ୍ଗେ ସଙ୍ଗେ ପାଖରେ ଥିବା ଡାକ୍ତରଖାନାକୁ ନେଇଗଲେ । ଡାକ୍ତର ବାବୁ ଇଂଜେକସନ ଦେବା ସହ ଆବଶ୍ୟକ ଚିକିତ୍ସା କଲେ ଓ ସମ୍ପୂର୍ଣ୍ଣ ଭଲ ହେବା ଯାଏ ବିଶ୍ରାମ ନେବା ପାଇଁ ବି ପରାମର୍ଶ ଦେଲେ। ଫଳରେ ପୂଜା ଛୁଟି ସରିବା ମଧ୍ୟ ଆଉ କିଛି ଦିନ ସେ ପରିବାର ସାଥିରେ ଗାଁରେ ରହିଲା ।

ପାଖାପାଖି ମାସେ ପରେ ସେ ପୂରା ଭଲ ହେଲା । ତେଣେ ବିଦ୍ୟାଳୟରେ ପାଠ ପଢ଼ା ଆଗେଇ ଚାଲିଥିବା ଯୋଗୁଁ ସାନୁ ଆଉ ଅଧିକ ଦିନ ସେଠି ନ ରହି ପରିବାର ସହିତ ସହରକୁ ଫେରିଆସିଲା।

ବହୁ ଦିନ ପରେ ବିଦ୍ୟାଳୟକୁ ସାନୁ ଆସୁଥିବାର ଦେଖି ତା ନ ଆସିବାର କାରଣ ଶିକ୍ଷକ ଜାଣିବାକୁ ଚାହିଁଲେ । ସାନୁ ତା ସହିତ ଗାଁରେ ଘଟିଯାଇଥିବା ଘଟଣା ସବୁ ଗୋଟି ଗୋଟି କରି କହିଲା । ସବୁ ଶୁଣିସାରି ଶିକ୍ଷକ ସବୁବେଳେ କିଛି ନ ବୁଝି ନ ଶୁଝି ଅନ୍ୟକୁ ଅବିକଳ ନକଲ କଲେ ଏପରି ହୁଏ ବୋଲି ବୁଝାଇଲେ । ଏଥର କିନ୍ତୁ ସାନୁ ସବୁ ମନ ଧ୍ୟାନ ଦେଇ ଶୁଣୁଥାଏ । ସେ ନିଜର ଭୁଲ ବୁଝିପାରିବା ସହିତ ଶିକ୍ଷକଙ୍କୁ କରିଯାଇଥିବା ନିଜ କାମ ପାଇଁ କ୍ଷମା ମାଗିଲା । ଭବିଷ୍ୟତରେ ଆଉ କେବେ ବି ନ ବୁଝି ବିଚାରି ଅନ୍ୟକୁ ନକଲ କରିବ ନାହିଁ ବୋଲି ଶପଥ କଲା।

ଏହା ଦେଖି ଶିକ୍ଷକ ଖୁସି ହେଲେ । ଭଲ ମଣିଷଟେ ହେବା ପାଇଁ ସାନୁକୁ ଆଶୀର୍ବାଦ କଲେ । ଏହି ସମୟରେ ଖେଳ ଛୁଟି ହେବାର ଘଣ୍ଟା ଟିଂ ଟିଂ କରି ବାଜି ଉଠିବାରୁ ସାଙ୍ଗମାନଙ୍କ ସହିତ ସାନୁ ବି ଟିଫିନ ଖାଇବାକୁ ବାହାରି ପଡ଼ିଲା ।



+କୋରୁଆ , ଅସୁରାଳି , ଭଦ୍ରକ
ମୋ: ୭୦୦୮୩୧୫୯୧୬

# ବାଣ୍ଟୁ ମାଙ୍କଡ ଓ କୀଳା



**ନଗେନ୍ଦ୍ର ନାଥ ପଟ୍ଟନାୟକ**

ସହର ବାହାରେ ଏକ ବିରାଟ ତୋଟା ଥାଏ । ସେଠିକାର ଝଙ୍କା ଗଛରେ ମାଙ୍କଡ ପଲଙ୍କ ବସା । ରସାଳ କମଳା ଫଳଗଛ,ମିଠା ଆମ୍ବଫଳ ଓ କଂଟାଳିଆ ଡାଳିମ୍ବ ଗଛ ଆଦି ଜାତି ଜାତିକା ଫଳଗଛରେ ତୋଟାଟି ଭରପୂର । ମାଙ୍କଡ ପଲଙ୍କ ଭିତରୁ ସବୁଠାରୁ ସାନ ମାଙ୍କଡ ନାଆଁ ବାଣ୍ଟୁ । ସବୁ ମାଙ୍କଡଙ୍କ ଭିତରେ ସେ ଖୁବ୍ ଫୁର୍ତ୍ତି ଓ ପହିଲମାନ । ଦିନସାରା ଖାଲି ଏ ଗଛରୁ ସେ ଗଛକୁ ଖେଁ ଖେଁ ହୋଇ ଡିଆଁଡେଇଁ କରୁଥାଏ। ଦଳର ବଡମାନଙ୍କ କଥା ଅମାନ୍ୟ କରି ସେ ବେଳେବେଳେ ଖୁବ୍ ଡେଙ୍ଗା ଗଛକୁ ଭୁସକିନା ଚଢିଯାଏ ।

ସହରରୁ ପଂଝାଏ ଲୋକ ଦିନେ ପହଁଚିଗଲେ ତୋଟାରେ । ସେମାନେ ହାତରେ ଗୋଟେ ଲେଖାଁ କୁରାଢି ।

ତୋଟାରେ ସବୁଜିମା ଗଛଗୁଡିକୁ ହାଣିବା ଆରମ୍ଭ କରିଦେଲେ । ପହିଲେ ମାଙ୍କଡମାନଙ୍କ ଭିତରେ ଭାଳେଣି ପଡିଗଲା । ଡରିମରି ଛାନିଆ । ତୋଟା ଗୋଟାକଯାକର ଗଛସବୁ କାଟି ପଦା କରିଦେଲେ କୁଆଡେ ଯିବେ ? ଏ ଡର ସେମାନଙ୍କୁ ଘାରିଲା । ଦେଖୁ ଦେଖୁ ଜଣାପଡିଲା ସେମାନେ କେବଳ ତୋଟାର ଅଳପ ଜାଗାରେ ଅଟ୍ଟାଳିକ ନିର୍ମାଣ କରିବାକୁ ଯାଉଚନ୍ତି । ଲୋକମାନେ କାଠଗଣ୍ଡି ଗୁଡିକ ଠାଏ ଜାଗାରେ ଗଦାକରି ଅଟ୍ଟାଳିକା ନିର୍ମାଣ କରୁଥିବା ବେଳେ ମାଙ୍କଡ ପଲ ସେମାନଙ୍କୁ ବେଶ୍ କୌତୂହଳର ସହ ଜୁଳୁଜୁଳୁ ଆଖିରେ ଅନେଇଥା'ନ୍ତି । ଫି' ଦିନ ମଧ୍ୟାହ୍ନରେ ମୂଲିଆମାନେ ଯେତେବେଳେ ସେ ଜାଗା ଛାଡି ମଧ୍ୟାହ୍ନ ଭୋଜନ ପାଇଁ ଅନ୍ୟତ୍ର ଚାଲିଯାଆନ୍ତି ମାଙ୍କଡପଲ ଆଖି ପିଛୁଡାକେ ସେ ଆଡେ ଝପଟି ଆସନ୍ତି । କାଠଗଣ୍ଡି ଗଦା ଉପରେ କୁଦାମାରି ଘର ତିଆରି ସରଂଜାମ ସବୁ ନେଇଯାଇ ଚମ୍ପଟ ମାରନ୍ତି ଗଛର ଏ ଡାଳରୁ ସେ ଡାଳକୁ ଡେଇଁଡେଇଁ, ଝୁଲିଝୁଲି ।

ବାଣ୍ଟୁ ଦିନେ ଲକ୍ଷକଲା ଗୋଟିଏ ବିରାଟ ଗଛର ଗଣ୍ଡିଟି କଟା ହୋଇ ଭୂଇଁରେ ଲୋଟି ପଡିଛି । ମୂଲିଆମାନେ ତାକୁ ଦୁ ଫାଳ କରିବାକୁ ଚେଷ୍ଟା କରୁଥାନ୍ତି । ତଥାପି କାମଟି ଅଧୁରା । ଗଛଗଣ୍ଡିର ଅଳ୍ପକଟା ଜାଗାରେ ଗୋଟେ ବଡ କୀଳା ବାଡିଆ ହୋଇଥାଏ- ଯେମିତି କି ଗଣ୍ଡିଟି ପୁଣି ଯୋଡି ହୋଇ ନ ଯାଏ । ବାଣ୍ଟୁ ସେ କାଠଗଣ୍ଡିଟି ଉପରକୁ ଖପକିନା ଡେଇଁପଡି ବସିପଡିଲା । କାଠଗଣ୍ଡିର ଫାଙ୍କ ଜାଗାରେ ତା ଗୋଡ ଯୋଡିକ ଦୋହଲୁଥାଏ । କାଠଗଣ୍ଡର କଟା ଜାଗା ମଝିରେ ପିଟା ହୋଇଥିବା ଖିଲଟିକୁ ହଲେଇବାକୁ ଲାଗିଲା ବାଣ୍ଟୁ । ବଡ ମାଙ୍କଡମାନେ ଖେଁ ଖେଁ ହେଇ ଚିଲେଇବାକୁ ଲାଗିଲେ -ହାଁ ହାଁ ବାଣ୍ଟୁ ଏ କଣ କରୁଚୁ ? ସେମାନଙ୍କ କାମକୁ ଗଡବଡ କରିବା ବନ୍ଦକର। ସେମାନଙ୍କ କଥା ଶୁଣି ନ ଶୁଣିଲା ଭଳି ଅଭିନୟ କଲା ବାଣ୍ଟୁ । ପାରୁ ପର୍ଯ୍ୟନ୍ତ ଚେଷ୍ଟାକରି କୀଳାଟା ଟାଣି ଆଣିଲା ବେଳକୁ ଅକସ୍ମାତ କାଠଗଣ୍ଡିରୁ ଖୁବ୍ ଜୋରରେ ଖିଲଟି ବାହାରି ଆସିଲା । ହେଲେ ବାଣ୍ଟୁର ଲାଂଜଟା କାଠଗଣ୍ଡି ଭିତରେ ଲାଖି ଯାଇଥଲା । ସବୁ ମାଙ୍କଡ ଖୁବ୍ ମନଦୁଃଖ କଲେ ତା'ପାଇଁ । ହେଲେ ସେତେବେଳକୁ ନେଡିଗୁଡ କହୁଣୀକୁ ବୋହି ଯାଇଥିଲା । ମାଙ୍କଡଟି ଫସି ଯାଇଥିବା ଦେଖି ମୂଲିଆମାନେ ସବୁ ସ୍ତବ୍ଧ ଚକିତ । ଏ ଅଭାବନୀୟ ଘଟଣା କ'ଣ ପାଇଁ ଘଟିଲା ବୋଲି ସେମାନେ ବେଶ୍ ବୁଝିପାରିଲେ । ବଢେଇମାନେ କାଠଗଣ୍ଡି ଭିତରୁ ମାଙ୍କଡ ଲାଂଜକୁ ଆସ୍ତେଆସ୍ତେ ଟାଣି ଓଟାରି ବାହାର କରି ଆଣିଲେ । ବାଣ୍ଟୁ ସିନା ମୁକୁଳିଗଲା ହେଲେ ସେ ଆହତ ଗୋଡରେ ଚାଲିପାରିଲା ନାଇଁ। ମଜୁରିଆମାନେ ଗୋଡର କ୍ଷତ ଜାଗାରେ ମଲମ ମାଲିସ କରି କପଡା ବାନ୍ଧିଦେଲେ । ଶେଷକୁ ବାଣ୍ଟୁ ମାଙ୍କଡଙ୍କ ଦଳରେ ପୁଣି ସାମିଲ ହେଲା । ସେଇଦିନୁ ସେ ଆଉ କେବେ ବି ଖେଚଡାମି କରେନାହିଁ।



+ଓସ୍କାର ସିଟି, ପ୍ଲଟ ନଂ-୪୫୪,ଲେନ ନଂ-୯
ଲକ୍ଷ୍ମୀସାଗର କେନାଲ ରୋଡ,ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ମାମୁଘର ନୁହେଁ ବେଶି ଦୂର

**ଜୟକୃଷ୍ଣ ସାହୁ**

ମାଆ ମୋର ହାତଧରି
ସିଖାଇଛି ଚାଲି
ହାତଠାରି ଚିହ୍ନାଇଛି
ଜହ୍ନ, ମାମୁଁ ବୋଲି।
କହିଛି ତୋ ମାମୁଘର
ଅଟେ ବହୁ ଦୂର
ତୋର ମାମୁଘର ପରା
ସରଗରପୁର।
ମାମୁଘର ଜୀବନରେ
ଯାଇନାହିଁ ଥରେ
ସେଠାକୁ ମୁଁ ଯିବାପାଇଁ
ମନ ମୋର ଝୁରେ।
ଭାବୁଛି ବିକ୍ରମ ସାଥେ
ବନ୍ଧୁତା କରିବି
ବନ୍ଧୁତା କଲେ ଜହ୍ନକୁ
ଯାଇ ତ ପାରିବି।
ପ୍ରଜ୍ଞାନଟା ଜ୍ଞାନୀ ମାନି
ସରଳିଆ ଟୋକା
ସେ ପାଖରେ ଥିଲେ ମୋର
ନାହିଁ ତିଳେ ଦକା।
ତା' ସାଥିରେ ଦେଖିବି ମୁଁ
ମାମୁଘର ବୁଲି
ଆଜିବି ମାମୁଙ୍କ କଥା
ଯାଇନାହିଁ ଭୁଲି।
ବୁଲି ବୁଲି ଦେଖିବି ମୁଁ
ମାମୁଙ୍କ ରାଇଜ
ପ୍ରଜ୍ଞାନ ସାଥିରେ ବସି
କରଞ୍ଚ ମଉଜ।

+କପିଳ ପ୍ରସାଦ, ଭୁବନେଶ୍ୱର -୨
ମୋ-୯୯୩୭୦୯୨୩୯୭

କବିତା
ତୁମ ପାଇଁ

## କାଗଜେ ତିଆରି କାଗଜ ଡଙ୍ଗା ମୁଁ

**ଶରତ କୁମାର ଦାସ**

କାଗଜେ ତିଆରି କାଗଜ ଡଙ୍ଗା ମୁଁ
ବରଷା ପାଣି ମୋ ମିତ,
ହଳିହଳି ଭାସି ଚାଲିଯାଏ ଦୂରେ
ଗାଇ ଗାଇ ଖୁସି ଗୀତ ।

ବାଆବତାସକୁ ନ ଥାଏ ମୋ ଡର
ବାଆ କୋଳେ ଖେଳେ ଦୋଳି,
ଯିଏ ଦେଖେ ମୋତେ ଛୁଆଠାରୁ ବଡ
ସେନେହେ ନିଅନ୍ତି ତୋଳି ।

ବରଷା ପଡିଲେ ଟୁପୁରୁଟୁପୁରୁ
ଗଗନେ ଉଡେ ମୋ ମନ,
ଗାଆଁ ଦାଣ୍ଡେ ପାଣିସୁଅ ଦେଖିଦେଲେ
ହୁଏ ମୁହିଁ କନକନ ।

ଯତନରେ ମୋତେ ଗଢନ୍ତି ପିଲାଏ
ଶରଧାରେ ହସି ହସି,
ନାନା ରଙ୍ଗେ ପରା ମୋ ଦେହ ରଙ୍ଗେଇ
ହରଷେ ଚାହାଁନ୍ତି ବସି ।

'ଯାଆ ଭାସିଯଆ କାଗଜ ଡଙ୍ଗା ମୋ'
କହି ମାରୁଥାନ୍ତି ତାଳି,
ଆଖି ଆଗୁ ଟିକେ ଚାଲିଗଲେ ଦୂରେ
ହେଉଥାନ୍ତି ମୋତେ ଭାଳି ।

ସଭିଙ୍କ ଖୁସିରେ ମୋ ଖୁସି ଲାଖିଛି
କଥାଟି ତ ପୂରା ସତ,
ଖେଳି ଖେଳି ଖେଳି ଯାଏ ମୁଁ ଆଗେଇ
କରେ ନାହିଁ ମଥା ନତ ।

ଆଗକୁ ଟିକିଏ ଟିକିଏ ପଛକୁ
ଯାଉଥାଏ ଚାହିଁ ଯେବେ,
ମୋତେ ଦେଖି ପରା ଟିକି ଝିଅ ସୋନି
ହରଷେ ନାଚଇ ତେବେ ।

ଗଲାବେଳେ ବାଟେ ନିତି ଭେଟେ ମୁହିଁ
ନୂଆ ନୂଆ ଜାଗା କେତେ,
ଯେତେ ଦେଖିଲେ ବି ମନ ପୂରେ ନାହିଁ
ଇଚ୍ଛା ହୁଏ ଆଉ ସେତେ ।

ଉଚ୍ଛୁର ହେଲାଣି ଦିଅରେ ମେଲାଣି
ଯିବି ମୁହିଁ ଦୂର ଦେଶେ,
ଆଣିବି ସାଥିରେ ଧନ ଦଉଲତ
କହୁନି ମିଛ ମୁଁ ଲେଶେ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ନଡିଆ ଦିବସ ପଡିଛି ଆଜି

**ଶୁଭନାରାୟଣ ଶତପଥୀ**

ନଡିଆ ଦିବସ ପଡିଛି ଆଜି
କାନ୍ଦି କାନ୍ଦି ହୋଇ ଫଳିଛି ଫଳ
କାନ୍ଦିର ଉପରେ ଖୋସା, ଚଅଁର
ଡେଙ୍ଗା ହୋଇଥାଏ ଗଛଟି ବଢି
ନଡିଆ ଦିଶଇ ଭାରି ସୁନ୍ଦର ।।୧।।

ନଡିଆ ଦିବସ ପଡିଛିରେ ଆଜି
ହସୁଥାଇ ଦେଖ ଗଛେ ଶ୍ରୀଫଳ
ତାର ଗୋଟମାକୁ ଖଡିକାରେ ଯୋଡି
ପିଲେ ଗଢି ରଥ ସେଥିରେ ଖେଳ ।।୨।।

ଦେହରେ ଲଗାଉ ନଡିଆର ତେଲ
ପଇଡର ପାଣି ପେଟକୁ ହିତ
ବରଡା ପତର ଶୁଖିଲେ ଜାଳେଣୀ
କଂଚାରେ ଚାଂଚକୁ ତିଆରି ବସ ।।୩।।

ତାର ପତରକୁ ଚାଂଛି ଦେଲେ ହୁଏ
ଲମ୍ବାରେ ଲମ୍ବାରେ ସରୁ ଖଡିକା
ସେଥିରେ ତିଆରି ପହଁରା ଝାଡୁଟା
ନିତି ଘରଦ୍ୱାର ହୁଏ ଖରକା ।।୪।।

ଔଷଧ ଅଟେ ଗଛ ଚେରମୂଳ
ଗଣ୍ଡିଟାରେ ହୁଏ ଚାଳ ଭାଡିଟା
ଠିଆ ହୋଇଥିଲେ, ପୁଅଟେ ପରିକା
ବଢେଇ ଦିଏ ସେ ରୋଜଗାରଟା ।।୫।।

ସୁନ୍ଦର ଦରବ, ଦଉଡି ଓ ଧୁଆଁ
କତାର ଏସବୁ ଉପକାରିତା
ନିଇତି ପଇଡ,ନଡିଆ ଖାଇଲେ
ହୋଇଯିବା ଆମେ ଜଗତଜିତା ।।୬।।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ- ୯୪୩୮୪୩୨୦୨୩



## ଗୁରୁ ଦିବସ

**ନୀଳମଣି ଚାନ୍ଦ**

ସେପଟ୍ଟେମ୍ବର ପାଞ୍ଚ ଆମରି ପାଇଁରେ ଏମିତିକା ଦିନଟିଏ
ବିଶେଷତ୍ୱ ତା'ର ରହିଛି ଯେ କ'ଣ କହିଦେଉ ଜାଣେ ଯିଏ ।
ଏଇ ତାରିଖରେ ପ୍ରତିବର୍ଷ ପାଳୁ ଗୁରୁଦିବସଟି ପରା
ଏକଷଠି ବର୍ଷ ହେଲାଣି ଚାଲିଛି ଯାହା ଆମ ଦେଶ ସାରା।

ଅଭିଧାନ ପଢି ଜାଣିଥିଲୁ ଗୁରୁ ଏ ଏକ ବିଶେଷ୍ୟ ପଦ
ସିଏ ଅଧ୍ୟାପନା କର୍ତ୍ତବ୍ୟ କରନ୍ତି ଏଥିରେ ନାହିଁ ବିବାଦ।
ଶିକ୍ଷାଦାନ ପରି ମହତ କର୍ମଟି ସଦା କରୁଥାନ୍ତି ସିଏ
ଲାଗେ ଶିଖେଇବା ପାଇଁଟି ଧରାରେ ଜନମିଛନ୍ତିରେ ଯିଏ।

ସ୍ୱର୍ଗରାଇଜରେ ବୃହସ୍ପତି ପରା ଅଟନ୍ତି ଦେବଙ୍କ ଗୁରୁ
ଶୁକ୍ରାଚାର୍ଯ୍ୟ ଥିଲେ ଦାନବଙ୍କ ଗୁରୁ ପଢିଥିଲି ପୁରାଣରୁ।
ଗୁରୁ ବିଶେଷଣ ହେଲେରେ ହୁଅଇ 'ଭାରି'ଯେ ତାହାର ଅର୍ଥ
ଉତ୍ତମ ଗୁରୁ ଯେ ଶିକ୍ଷା ଦେଇଥାନ୍ତି ନ ରଖି ତିଳେ ଯେ ସ୍ୱାର୍ଥ।

ଆମ ଦେଶେ ଦାର୍ଶନିକ ,ଶିକ୍ଷାବିତ ଥିଲେରେ ଏମିତି ଜଣେ
ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଲେ କୁହରେ କିଏ ନ ଜାଣେ।
ଅଳଙ୍କୃତ କଲେ ଉପରାଷ୍ଟ୍ରପତି ପରେ ରାଷ୍ଟ୍ରପତି ପଦ
ତାଙ୍କ ଜନ୍ମତିଥି ସେପଟ୍ଟେମ୍ବର ପାଞ୍ଚ ସିଏ ପୂଜ୍ୟ ବିଶ୍ୱବନ୍ଦ୍ୟ।

ଶିକ୍ଷା ଜଗତକୁ ଅତୁଳନୀୟ ଥିଲାରେ ତାଙ୍କରି ଦାନ
ତାଙ୍କ ଜନ୍ମତିଥି ଗୁରୁ ଦିବସ ଭାବରେ ହୁଏ ପାଳନ।
ଏଇ ଦିବସରେ ଅନୁଚିନ୍ତା ଇଏ ସଦା ହେଉଥାଉ ଆମ
ଧନ୍ୟ ମଣିବା, ସାର୍ଥକ କରିବା ସେହି ଗୁରୁଙ୍କର ନାମ।

+ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ବିଜ୍ଞାପିତ ଅଂଚଳ ପରିଷଦ ଉଦଳାର ସୁବର୍ଣ୍ଣ ଜୟନ୍ତି ଉତ୍ସବ



ଉଦଳା , ୦୧/୦୯ (ନି.ପ୍ର): ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଅଗଷ୍ଟ ୩୧ ତାରିଖ ଗୁରୁବାର ଓ ସେପ୍ଟେମ୍ବର ୧ ତାରିଖ ଶୁକ୍ରବାର ୨ ଦିନ ଧରି ମହା ସମାରୋହରେ ପାଳିତ ହେଉଛି । ଏହି ଅବସରରେ ପ୍ରଭାତରେ ରାମଧୁନ ସହର ପରିକ୍ରମା କରିଥିଲା । ଏହାପରେ ସହର ମଧ୍ୟରେ ପ୍ରତିଷ୍ଠା କରାଯାଇଥିବା ଉତ୍କଳମଣି ଗୋପବନ୍ଧୁ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ ଓ ପରେ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ ଉଦଳା ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କୁ ଫଳ ବିସ୍କୁଟ ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ସଭାରେ ନଗରପାଳ ପ୍ରମିଳା ପଣ୍ଡା ଅଧ୍ୟକ୍ଷତା କରି ସହରର ଉନ୍ନତି ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହାପରେ ମଂଚରେ ଉପସ୍ଥିତ ଥିବା ଅତିଥି ମାନେ ସୁବର୍ଣ୍ଣ ଜୟନ୍ତି ଅବସରରେ ପ୍ରକାଶିତ ସ୍ମରଣିକା ଉନ୍ମୋଚନ କରିଥିଲେ । ମଂଚରେ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିବା ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଦିଲିପ କୁମାର ଦୀକ୍ଷିତ, ଉଦଳା ସହରର ବିଗତ ୫୦ ବର୍ଷର ଇତିହାସ ବିସ୍ତୃତ ବର୍ଣ୍ଣନା କରିଥିଲେ । ସେହିପରି ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା ଉଦଳା ସହର ମଧ୍ୟରେ ଯେଉଁଠି ଗ୍ରାମପଂଚାୟତ କାର୍ଯ୍ୟାଳୟ ଥିଲା ସେହିଠାରେ କିପରି ବିଜ୍ଞାପିତ ଅଂଚଳ ପରିଷଦର କାର୍ଯ୍ୟାଳୟ ଗଢ଼ି ଉଠିଛି ଓ ଇତି ମଧ୍ୟରେ ଦିର୍ଘ ୫୦ ବର୍ଷ ବିତିଗଲାଣି କିନ୍ତୁ ସବୁ କିଛି କାଲି କାଲି ପରି ଲାଗୁଛି ବୋଲି ବ୍ୟକ୍ତ କରିଥିଲେ । ଉଦଳା ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ ସମଗ୍ର ଉପଖଣ୍ଡରୁ ଚୋରି, ଡ଼କାୟତି, ରାହାଜାନୀ ଓ ଛିନତାଇ କିପରି କମି ଯାଇଛି ଓ ଏଥିପାଇଁ ଉଦଳା ଜନସାଧାରଣଙ୍କର ସହଯୋଗ କେବେ ଭୁଲି ହେବ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଅବିନାଶ ପାଣି ଉଦଳା ମାଟି ଯେଉଁ ପରିମାଣରେ କବି ଓ କଳାକାର ମାନଙ୍କୁ ଜନ୍ମ ଦେଇଛି ତାହା ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ ବୋଲି ବ୍ୟକ୍ତ କରିଥିଲେ । ସେଥିପାଇଁ ସେ ଉଦଳା ମାଟି ଯେତିକି ଉର୍ବର ସେତିକି ଉଦାର ବୋଲି କହିଥିଲେ । ଏହାପରେ ଉପନଗରପାଳ ଲିଲି ଭୋଳ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କାଉନସିଲର ଓ କାର୍ଯ୍ୟାଳୟର କର୍ମଚାରୀ ବୃନ୍ଦ ଯେଉଁ ପ୍ରକାର ସହଯୋଗର ହାତ ବଢ଼ାଇଲେ ସେଥିପାଇଁ କୃତଜ୍ଞତା ଜଣାଇଥିଲେ । ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ଅତିଥି ମାନଙ୍କଦ୍ୱାରା ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା । ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ପ୍ରଥମ ଦିନର କାର୍ଯ୍ୟକ୍ରମର ଯବନିକା ପଡ଼ିଥିଲା ।

# ସାରନା ଧର୍ମ କୋଡ ଲାଗୁ କରିବା ଦାବିରେ ବୈଠକ




ବାରିପଦା , ୦୧/୦୯ (ନି.ପ୍ର): ଆଦିବାସୀ ସେଙ୍ଗେଲ ଅଭିଯାନ ବାରିପଦା ଜୋନାଲ କମିଟିର ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ବାରିପଦା ଲାୟନ୍ସ କ୍ଲବ ଠାରେ ସାରନା ଧର୍ମ କୋଡ ହାସଲ କରିବା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ତଥା ପୂର୍ବତନ ସାଂସଦ ସାଲଖାନ ମୁର୍ମୁ ଏବଂ କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ସୁମିତ୍ରା ମୁର୍ମୁ ଯୋଗଦେଇ ଆଦିବାସୀଙ୍କ ସାରନା ଧର୍ମ କୋଡକୁ ଜନଗଣନା ରେ ସାମିଲ କରି ଧର୍ମ କୋଡ଼ ପ୍ରଦାନ କରାଯିବା ପାଇଁ ଦୀର୍ଘବର୍ଷ ଧରି ଆନ୍ଦୋଳନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ । ଏଣୁ ଆଗାମୀ ନଭେମ୍ବର ୫ରେ ରାଞ୍ଚିର ମୋରାବାଦୀ ମୈଦାନରେ ହେବାକୁଥିବା ବିଶାଳ ଜନ ଆନ୍ଦଳନର ହଜାର ହଜାର ଆଦିବାସୀ ଭାଇଭଉଣୀ ଯୋଗଦେଇ ଭାରତ ସରକାରଙ୍କ ଉପରେ ଦୃଢ଼ ଚାପ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ମହାସମାବେଶରେ ଦେଶ ବିଦେଶର ସାରନା ଧର୍ମାବଲମ୍ବୀ ଆଦିବାସୀମାନେ ସାମିଲ ହେବା ସହିତ ୨୦୧୧ ମସିହାର ଜନଗଣନାରେ ସାରନା ଧର୍ମ ଲେଖାଇଥିବା ୫୦ ଲକ୍ଷ ଆଦିବାସୀଙ୍କୁ ମଧ୍ୟ ଆମନ୍ତ୍ରିତ କରାଯାଇଅଛି । ଏହା ସହିତ ସାନ୍ତାଳୀ ଭାଷାକୁ ଝାରଖଣ୍ଡର ପ୍ରଥମ ରାଜଭାଷା ଏବଂ ଓଡିଶାରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେବା ଭଳି ଦାବୀ ରହିଛି. ଆଜିର ବୈଠକରେ କେନ୍ଦ୍ରୀୟ ସେଙ୍ଗେଲ ସଂଯୋଜକ ବୁଢ଼ାନ ମାର୍ଣ୍ଡି, ସେଙ୍ଗେଲର ପ୍ରଦେଶ ସଭାପତି ନରେନ୍ଦ୍ର ହେମ୍ବ୍ରମ, ମାଧବ ଚନ୍ଦ୍ର ମୁର୍ମୁ, ଜିତେନ୍ଦ୍ରନାଥ ହେମ୍ବ୍ରମ, ବିକାଶ ଚନ୍ଦ୍ର ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, କୁନା ମୁର୍ମୁ, ବନମାଳୀ ହାଁସଦାଃ, ପାନମଣି ହେମ୍ବ୍ରମ, କାଳି ଚରଣ ମୁର୍ମୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।

## ବିଧାୟକଙ୍କୁ ଭେଟିଲେ ଜିଲ୍ଲା ଯୋଗାଣ ଅଧିକାରି

ଜୟପୁର, ୦୧/୦୯ (ନି.ପ୍ର): କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ୬ ଦଫା ଦାବି ନେଇ କାଯ୍ୟବନ୍ଦ ଆନ୍ଦୋଳନ କରିବା ସହ ଧାରଣା ଦେଇଛନ୍ତି । ଏନେଇ ଆଜି ସଂଘ ତରଫରୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, କୋରାପୁଟ ଜିଲାର ବିଭିନ୍ନ ପଂଚାୟତରେ କାର୍ଯ୍ୟରତ ସମସ୍ତ ଯୋଗାଣ ସହାୟକ ଆଜିକୁ ଦଶବର୍ଷ ହେବ ନିରବଛିନ୍ନ ଭାବେ ନିଜ ଦାୟିତ୍ୱ ତୁଲାଉଛନ୍ତି । ପଂଚାୟତ ଅଧିନରେ ଥିବା ସମସ୍ତ ହିତାଧିକାରିଙ୍କୁ ମାସକୁ ମାସ ପି.ଡି.ଏସ. ସାମଗ୍ରୀ ବଂଟନ ସହ ଭତା ବଂଟନ କରୁଛନ୍ତି । ସରକାରଙ୍କ ସମସ୍ତ ଉନ୍ନତିମୁଳକ କାର୍ଯ୍ୟରେ ସାହାଯ୍ୟ ମଧ୍ୟ କରୁଛନ୍ତି । ଆବଶ୍ୟକ ସ୍ଥଳେ ଘର ଘର ଯାଇ ମଧ୍ୟ ପିଡିଏସ ସାମଗ୍ରୀ ବଂଟନ କରାଯାଉଛି । କରୋନା ମହାମାରୀ ସମୟରେ ମଧ୍ୟ ଯୋଗାଣ ସହାୟକ ମାନେ ନିଜ କର୍ତବ୍ୟ ତୁଲାଇଥିଲେ । କିନ୍ତୁ, ଗୋଟିଏ ଯୋଗାଣ ସହାୟକ ମାସିକ ୬ ହଜାର ଟଙ୍କା ଦରମା ପାଉଛି । ଯେଉଁଥିରେ କି ପରିବାର ଭରଣପୋଷଣ ଆସମ୍ଭବ ଅଟେ । ଏନେଇ ସରକାରଙ୍କୁ ଓ ମୁଖ୍ୟମନ୍ତ୍ରୀଙ୍କୁ ବହୁବାର ନିବେଦନ କରିବା ସତ୍ୱେ କର୍ଣ୍ଣପାତ କରୁ ନାହାଁନ୍ତି । ତେଣୁ ବିଧାୟକ ବାହିନିପତି ଯୋଗାଣ ସହାୟକଙ୍କ ଦାବିକୁ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି । ଉକ୍ତ ଦାବି ଗୁଡିକ ହେଲା, ଯୋଗାଣ ସହାୟକର ଚାକିରୀ ସ୍ଥାୟିତ୍ୱ ଓ ମାସିକ ଦରମା ୨୫ ହଜାର ଟଙ୍କାକୁ ବୃଦ୍ଧି କରାଯାଉ, ଯୋଗାଣ ସହାୟକଙ୍କ ନାମରେ ପିଡିଏସ ଲାଇସେନ୍ସ ଦିଆଯାଉ, କାଯ୍ୟରତ ଯୋଗାଣ ସହାୟକଙ୍କୁ ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ କରାଯାଉ ଓ ତାଙ୍କ ପରିବାର ବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦିଆଯାଉ, ଯୋଗାଣ ସହାୟକଙ୍କୁ ପଂଚାୟତରାଜ ବିଭାଗରୁ ନିବୃତ କରି ଯୋଗାଣ ବିଭାଗରେ ଅନ୍ତର୍ଭୁକ୍ତ କରାଯାଉ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## 'ଗୋଟିଏ ଦେଶ, ଗୋଟିଏ ....

ପ୍ରସଙ୍ଗକୁ ନେଇ ଆଜି ଗଠନ କରିଛନ୍ତି କମିଟି । ତେଣୁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ବିଲ୍ ଉପସ୍ଥାପନ କରାଯିବା ନେଇ ଯେଉଁ ଆକଳନ କରାଯାଉଥିଲା, ତାହା ଆହୁରି ଦୃଢ଼ୀଭୂତ ହୋଇଛି । ତେବେ ସରକାରଙ୍କ ପକ୍ଷରୁ ଏନେଇ କିଛି କୁହାଯାଇନାହିଁ । 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ'ର ଅର୍ଥ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଗୋଟିଏ ସମୟରେ ହେବ । ବିଜେପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ଅନେକ ସମୟରେ ଏହି ବିଷୟରେ କୁହାଯାଇଛି । ୨୦୧୪ ଲୋକସଭା ନିର୍ବାଚନ ବେଳେ ଏହା ବିଜେପିର ନିର୍ବାଚନୀ ଇସ୍ତାହାରରେ ମଧ୍ୟ ଥିଲା । ଆମ ଦେଶରେ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଏକାବେଳେ ହେବା କିଛି ନୂଆ କଥା ନୁହେଁ । ୧୯୬୭ ମସିହା ପର୍ଯ୍ୟନ୍ତ ଲୋକସଭା ଓ ସମସ୍ତ ରାଜ୍ୟର ବିଧାନସଭା ନିର୍ବାଚନ ଗୋଟିଏ ସମୟରେ ହୋଇଥିଲା । ମୋଟ ୪ ଥର ଏହିଭଳି ନିର୍ବାଚନ ହୋଇଥିଲା । ୧୯୬୮-୬୯ରୁ ଏହି ଧାରାରେ ପରିବର୍ତ୍ତନ ହେଲା । କାରଣ ସେହି ବର୍ଷ କିଛି ବିଧାନସଭାକୁ ଅବଧି ଶେଷ ହେବା ପୂର୍ବରୁ ଭାଙ୍ଗି ଦିଆଯାଇଥିଲା । ସେହିପରି ୧୯୭୧ରେ ପ୍ରଥମ ଥର ପାଇଁ ୫ ବର୍ଷ ଅବଧି ଶେଷ ହେବା ପୂର୍ବରୁ ଲୋକସଭାକୁ ଭାଙ୍ଗି ଦିଆଯାଇଥିଲା । ଆହୁରି ଏକ ବର୍ଷ କାର୍ଯ୍ୟକାଳ ଥିବା ବେଳେ ଲୋକସଭାକୁ ଭାଙ୍ଗି ନିର୍ବାଚନ କରାଯାଇଥିଲା ।

## 'ଆମ ଓଡ଼ିଶା ନବୀନ....

ହେଲେ ବସ୍ତା ବ୍ଲକରେ ସବୁ କିଛି ମନମାନି କରୁଛନ୍ତି ସରକାରୀ ଅଧିକାରୀ । ତେଣୁ ମାମଲାର ଶୁଣାଣି ବେଳେ ଏନେଇ ରାଜ୍ୟ ସରକାରଙ୍କ ସହ ପଞ୍ଚାୟତିରାଜ ବିଭାଗର ସଚିବ, ବାଲେଶ୍ୱର ଜିଲ୍ଲାପାଳ, ଡିପିଓ ଓ ବସ୍ତା ବିଡିଓଙ୍କୁ ରିପୋର୍ଟ ତଲବ କରିଛନ୍ତି ହାଇକୋର୍ଟ । ୩ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଛି । ଯୋଜନାର କାର୍ଯ୍ୟକାରିତା ବେଳେ ଗ୍ରାମ ପଞ୍ଚାୟତ ଏବଂ ଗ୍ରାମସଭାକୁ ଗୁରୁତ୍ୱ ଦିଆଯିବା ଉପରେ ଜୋର ଦେଇଛନ୍ତି କୋର୍ଟ । ଅନ୍ୟପଟେ ଜିଲ୍ଲାପାଳ କହିଛନ୍ତି ସବୁ କିଛି ଗାଇଡଲାଇନ ଅନୁସାରେ ହୋଇଛି । ବଡ କଥା ହେଉଛି ଏମିତି ମାମଲା ନୂଆଁ ନୁହେଁ । ଭଦ୍ରକ ବାସୁଦେବପୁର ବ୍ଲକ ଆର୍ତ୍ତୁଂ ପଞ୍ଚାୟତରେ ମଧ୍ୟ ସମାନ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସରପଞ୍ଚ ସୁବାସ ସନ୍ଧି ବିଗ୍ରହ । ଆଉ ଏ ମାମଲାରେ ମଧ୍ୟ ଗ୍ରାମସଭା ସହ ପଞ୍ଚାୟତ ପ୍ରତିନିଧିଙ୍କ ଦ୍ୱାରା ପ୍ରକଳ୍ପ ଚୟନ ପାଇଁ ଭଦ୍ରକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । ଏପଟେ ୨୪ ନିର୍ବାଚନ ପୂର୍ବରୁ ଗାଁ ଭୋଟ୍ ହାତେଇବାକୁ ସରକାରଙ୍କ ଏ ଯୋଜନା ବୋଲି ଅଭିଯୋଗ କରି ଆସୁଥିବା ବିରୋଧୀ, ହାଇକୋର୍ଟଙ୍କ ଛାଟ ପରେ ସରକାରଙ୍କ ଉପରେ ଧୁମ୍ ବର୍ଷିଛନ୍ତି । ସାମ୍ବାଦିକ ସମ୍ମିଳନୀ କରି କଂଗ୍ରେସ କହିଛି ଏଥିରୁ ସ୍ପଷ୍ଟ ହେଲା ନିର୍ବାଚନ ପୂର୍ବରୁ ଦଳୀୟ କର୍ମୀଙ୍କୁ ମାଲେମାଲ କରିବାକୁ ଏହି ଯୋଜନା କରିଛନ୍ତି ସରକାର । ବିଜେପିର ଅଭିଯୋଗ ଯୋଜନାରେ କେବଳ ସରକାରୀ ଅଧିକାରୀ ମାନେ ହିଁ ପ୍ରକଳ୍ପ ଚୟନ କରୁଛନ୍ତି । ଯାହାର ଜବାବ୍ ରଖିଛି ବିଜେଡି । ପୂର୍ବରୁ ମଧ୍ୟ ବିଭିନ୍ନ ସ୍ଥାନରେ ପ୍ରକଳ୍ପ ଚୟନକୁ ନେଇ ଗଣ୍ଡଗୋଳ ଦେଖିବାକୁ ମିଳିଥିଲା । ଏମିତିକି ପ୍ରକଳ୍ପ ଚୟନକୁ ନେଇ ଶାସକ ଦଳର ନେତାଙ୍କ ଭିତରେ ବି ଫାଟ ଫୁଟି ବାହାରିଥିଲା । ଏବେ ଆଇନ ଜାଲରେ ଛନ୍ଦି ହେବା ପରେ ବିଜେଡି ପାଇଁ ଗେମ ଚେଞ୍ଜର କୁହାଯାଉ ଥିବା ଆମ ଓଡିଶା ,ନବୀନ ଓଡିଶା ଯୋଜନା ସରକାରଙ୍କ ପାଇଁ ବୁମେରାଂ ହେବନି ତ ।

## ଆଜି ଉତ୍କ୍ଷେପଣ....

ନିରବଚ୍ଛିନ୍ନ ଭାବେ ସୂର୍ଯ୍ୟ ଉପରେ ଗବେଷଣା ଜାରି ରହିବ । ଏଥିରେ ମୋଟ ୭ଟି ପେ'ଲୋଡ୍ ବା ଯନ୍ତ୍ର ଥିବା ବେଳେ ସେଥିରୁ ୪ଟି ସିଧାସଳଖ ସୂର୍ଯ୍ୟ ଆଡ଼କୁ ରହିବ । ସୂର୍ଯ୍ୟର ବିଭିନ୍ନ ସ୍ତର, ଚୁମ୍ବକୀୟ କ୍ଷେତ୍ର ଓ ସେଠାରୁ ପୃଥିବୀ ଆଡ଼କୁ ଆସୁଥିବା ଚାର୍ଜ କଣିକା ଗୁଡ଼ିକ ସଂପର୍କରେ ତଥ୍ୟ ସଂଗ୍ରହ କରିବା ଏହି ମିଶନର ଲକ୍ଷ୍ୟ । ଇସ୍ରୋ ପ୍ରଥମଥର ମିଶନ ସୂର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । କିନ୍ତୁ ସୂର୍ଯ୍ୟର ରହସ୍ୟ ଭେଦିବାକୁ ପ୍ରାଚୀନ କାଳରୁ ପ୍ରୟାସ ଜାରି ରହିଛି । କିଛି ବିକଶିତ ଦେଶ ସୂର୍ଯ୍ୟ ନିକଟକୁ ଅଧିକ ଗବେଷଣା ପାଇଁ ମହାକାଶଯାନ ବି ପଠାଇସାରିଛନ୍ତି । ଇସ୍ରୋର ଚେୟାରମ୍ୟାନ କହିଛନ୍ତି, ଆଦିତ୍ୟ ଏଲ୧ ଉପଗ୍ରହକୁ ଲଞ୍ଚ କରିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ରକେଟ୍ ଓ ସାଟେଲାଇଟ୍ ପ୍ରସ୍ତୁତ ହୋଇ ସାରିଛି । ରିହର୍ସଲ ବି ସରିଛି । ଆଜିଠୁ କାଉଣ୍ଟଡାଉନ ଆରମ୍ଭ ହେବ । ଆଦିତ୍ୟ ଏଲ୧ ଉପରେ ସମଗ୍ର ବିଶ୍ୱ ନଜର ରଖିଛି । ଶନିବାର ହେବାକୁ ଥିବା ଏହି ଲଞ୍ଚିଂ ପ୍ରୋଗ୍ରାମ ଦେଖିବାକୁ ଇସ୍ରୋ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ଶ୍ରୀହରିକୋଟ ଲଞ୍ଚ ପ୍ୟାଡରୁ ଆଦିତ୍ୟ ଏଲ୧ ଉତକ୍ଷେପଣ ଦେଖିବା ନିମନ୍ତେ ସିଟ ବୁକିଂ ବ୍ୟବସ୍ଥା କରାଯାଇଛି । ଏହାବ୍ୟତୀତ ଇସ୍ରୋର ୱେବସାଇଟ୍ ?ରେ ବି ଦର୍ଶକମାନେ ଆଦିତ୍ୟ ଏଲ୧ ଲଞ୍ଚର ଲାଇଭ ଟେଲିକାଷ୍ଟ ଦେଖିପାରିବେ । ଇସ୍ରୋର ୟୁଟ୍ୟୁବରେ ବି ଦର୍ଶକ ଏହାର ଲାଇଭ ଷ୍ଟ୍ରିମିଂ ଦେଖିପାରିବେ । ସୌର ପୃଷ୍ଠରେ ହେଉଥିବା ପରିବର୍ତ୍ତନ, ସୌରଝଡ଼ ବିକିରଣ ଓ କଣିକା ଉପରେ ଅଧ୍ୟୟନ କରିବା ଆଦିତ୍ୟ ଏଲ୧ର ମୂଳ ଲକ୍ଷ୍ୟ । ସେଥିପାଇଁ ଲାଗ୍ରେଞ୍ଜ ପଏଣ୍ଟ ଏକ ସ୍ୱତନ୍ତ୍ର ସ୍ଥାନ । କାରଣ ସୂର୍ଯ୍ୟଠାରୁ ବାହାରୁଥିବା କରୋନାଲ ମାସ ଇଜେକ୍ସନ ଓ ସୌର ଝଡ଼ ଏହି ପଥ ଦେଇ ପୃଥିବୀ ଆଡ଼କୁ ଯାଇଥାଏ । ସୂର୍ଯ୍ୟଙ୍କ ଫଟୋସ୍ପିୟର, କ୍ରୋମାସ୍ପିଅର ଓ ବାହ୍ୟସ୍ତର କରୋନାର ଅନୁଧ୍ୟାନ କରିବା ପାଇଁ ଆଦିତ୍ୟ ଏଲ୧ରେ ୭ଟି ପ୍ଲେଲୋଡ ରହିବ । ସେଥି ମଧ୍ୟରୁ ଏହି ଚାରିଟି ପ୍ଲେଲୋଡ ସିଧାସଳଖ ସୂର୍ଯ୍ୟଙ୍କୁ ନିରୀକ୍ଷଣ କରିବ । ଅବଶିଷ୍ଟ ତିନିଟି ଏଲ୧ ପଏଣ୍ଟରେ କଣିକା ଏବଂ କ୍ଷେତ୍ରର ଇନ୍-ସିଟ୍ ଅଧ୍ୟୟନ କରାଯିବ । ସୌରପୃଷ୍ଠର ବାହାର ପରସ୍ତ ବା କରୋନାକୁ ଅନୁଧ୍ୟାନ କରିବା ପାଇଁ ଇନଷ୍ଟଲ ହୋଇଥିବା କୋରନାଗ୍ରାଫ ପେଲୋଡ ବେଙ୍ଗାଲୁରୁରେ ଥିବା ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ୍ ଆଷ୍ଟ୍ରୋଫିଜିକ୍ସ ସ୍ୱଦେଶୀ ଜ୍ଞାନକୌଶଳ ଆପଣାଇ ବିକଶିତ କରାଯାଇଛି ।

## ମେଡିକାଲ ଓ ଇଞ୍ଜିନିୟରିଂ ....

ଏହି ଯୋଜନାରେ ସରକାରୀ କଲେଜଗୁଡ଼ିକରେ ଏମବିବିଏସ୍ ଓ ଇଞ୍ଜିନିୟରିଂ( ବି-ଟେକ, ଏମ-ଟେକ) ପଢୁଥିବା ଯୋଗ୍ୟ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟକ୍ରମ ଅବଧିର ସମ୍ପୂର୍ଣ୍ଣ କୋର୍ସ ଫି' ରାଜ୍ୟ ସରକାର ବହନ କରିବେ । ସରକାରୀ ଶିକ୍ଷାନୁଷ୍ଠାନର ଡିନ୍ ବା ମୁଖ୍ୟ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାକ୍ଷରିତ ଉପରୋକ୍ତ ସମସ୍ତ ଖର୍ଚ୍ଚକୁ ଏହି ଯୋଜନା ଅଧୀନରେ ଭରଣା କରିବା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇପାରିବ । ୨୦୨୩-୨୪ ଶିକ୍ଷାବର୍ଷରୁ ସମସ୍ତ ଯୋଗ୍ୟ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ଉପରୋକ୍ତ ଆବଶ୍ୟକତାକୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବିଭାଗକୁ ପଠାଯାଇପାରିବ ।

# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବାଲେଶ୍ୱର ଗସ୍ତ

## ବାଲେଶ୍ୱର ଜିଲ୍ଲା ଓ ସଂସଦୀୟ କ୍ଷେତ୍ରର ସାଂଗଠନିକ ବୈଠକରେ ଯୋଗଦାନ



ବାଲେଶ୍ୱର, ୦୧/୦୯ (ନି.ପ୍ର): ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଦିନିକିଆ ଗସ୍ତରେ ବାଲେଶ୍ୱର ଆସି ଜିଲ୍ଲା ଓ ସଂସଦୀୟ କ୍ଷେତ୍ରର ସାଂଗଠନିକ ବୈଠକରେ ଯୋଗଦାନ କରିଛନ୍ତି । ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ସ୍ଥାନୀୟ ରୟାଲ କୁଇନ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଉକ୍ତ ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ମଞ୍ଚ ଆହ୍ୱାନ, ପ୍ରଦୀପ ପ୍ରଜ୍ୱଳନ ଓ ସାମୁହିକ ଭାରତ ମାତା ବନ୍ଦନା ପରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୋଇଥଲା । ପ୍ରାରମ୍ଭିକ ଭାଷଣରେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଆହ୍ୱାନ ଦେଇଥିଲେ । ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଚିରାଚରିତ ଢଙ୍ଗରେ ସମବେତ କାର୍ଯ୍ୟକର୍ତ୍ତାଙ୍କୁ ଏକତାର ମନ୍ତ୍ର ଦେଇଥିଲେ । ତତସହିତ ବର୍ତ୍ତମାନରେ ଚାଲୁଥିବା ଦଳୀୟ କାର୍ଯ୍ୟକ୍ରମ ବିଷୟରେ ସମୀକ୍ଷା କରିବା ସହିତ ଆଗାମୀ ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ । ସମାରୋପ ସତ୍ରରେ ରାଜ୍ୟ ସଭାପତି ମନମୋହନ ସାମଲ ଦଳର ଆମୂଳଚୁଳ ସାଂଗଠନିକ ସ୍ଥିତି ବିଷୟରେ ସମୀକ୍ଷା କରିବା ସହିତ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ ୨୦୨୪ ନିର୍ବାଚନ ଓଡ଼ିଶାର ଭାଗ୍ୟ ନିର୍ଧାରଣ କରିବ, ଲୋକେ ବିଜେଡ଼ିର କୁଶାସନରେ ଅତିଷ୍ଠ, ବିଜେପିର କାର୍ଯ୍ୟକର୍ତ୍ତାଙ୍କୁ ସାଧାରଣ ଲୋକଙ୍କ ପାଖକୁ ଯିବାକୁ ହେବ, ସେମାନଙ୍କ ସୁଖ-ଦୁଃଖରେ ସାଥୀ ହେବାକୁ ପଡ଼ିବ । ୨୦୨୪ ବିଜେପିର ବୋଲି ସେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ । ମୋ ମାଟି - ମୋ ଦେଶ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଠାରୁ ସେବା ପକ୍ଷ ପାଳନ, ଗାନ୍ଧୀ ଜୟନ୍ତୀ ଇତ୍ୟାଦି ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଯୋଜନା ପ୍ରସ୍ତୁତ କରିଥିଲେ । ଶେଷରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମସ୍ତଙ୍କୁ ରାଷ୍ଟ୍ର ନିର୍ମାଣ ନିମନ୍ତେ କାର୍ଯ୍ୟ କରିବା, ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଯୋଜନାରେ ନିଃସ୍ୱାର୍ଥପର ଭାବେ ଯୋଗଦାନ କରିବା, ଲୋକଙ୍କ ପାଇଁ କାମ କରିବା ଇତ୍ୟାଦି ପାଞ୍ଚୋଟି ବିଷୟରେ ଶପଥପାଠ କରାଇଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଇଶ୍ୱର ଚନ୍ଦ୍ର ବେହେରା ଓ ଜିଲ୍ଲା ଉପସଭାପତି ପ୍ରଦୀପ ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ, ଜିଲ୍ଲା ସମ୍ପାଦକ ଆଶିଷ ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ, ସମବେତ ଜନ-ଗଣ-ମନ ଗାନ ଉପରାନ୍ତେ ସଭାପତି ସଭାକାର୍ଯ୍ୟର ସମାପ୍ତି ଘୋଷଣା କରିଥିଲେ । ବିଧାୟକ ସନାତନ ବିଜୁଳି, ପୁର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୁର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ପୁର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ସମ୍ପାଦକ ଶିପ୍ରା ବାଜପେୟୀ ଓ ଅଭିମନ୍ୟୁ ସେଠି, ରାଜ୍ୟ ପ୍ରବକ୍ତା ଠାକୁର ରଣଜିତ ଦାସ, ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାନେତ୍ରୀ ଷୁସମା ରାଣୀ ବିଶ୍ୱାଳ, ବିଧାୟକ ପାର୍ଥୀ ରାକେଶ ମଲ୍ଲିକ, ଅଂଶୁମାନ ମହାନ୍ତି ଓ ମାନସ ଦତ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି ଓ ପର୍ଶୁରାମ ବେହେରା ମଞ୍ଚାସୀନ ଥିଲେ ।

# ଅବସରପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଏକାଦଶାହ ଓ ସ୍ମୃତିସଭା ଅନୁଷ୍ଠିତ



ନୀଳଗିରି , ୦୧/୦୯ (ନି.ପ୍ର): ନୀଳଗିରି ବ୍ଲକ ଅଧୀନ ଅଯୋଧ୍ୟା ଗ୍ରାମର ଅବସର ପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଶରତ କୁମାର ପରିଡ଼ାଙ୍କର ଗତ ଅଗଷ୍ଟ ୨୨ତାରିଖ ମଙ୍ଗଳବାର ନିଜ ଆୟୋଧ୍ୟାସ୍ଥିତ ବାସ ଭବନରେ ଦେହାନ୍ତ ହୋଇଥିଲା । ଯକୃତ ଜନିତ ସଂକ୍ରମଣ କାରଣରୁ ୬୨ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । ସେ ଜଣେ ମେଳାପି ସହୃଦୟ ଓ ଧର୍ମପରାୟଣ ବ୍ୟକ୍ତି ଥିବାରୁ ଉକ୍ତ ଅଞ୍ଚଳର ଲୋକେ ଭଲ ପାଉଥିଲେ । ପୁଅ ନିଶିତ ମୁଖାଗ୍ନୀ ଦେଇଥିବା ବେଳେ ଶୁକ୍ରବାର ତାଙ୍କ ଏକାଦଶାହ ଉପଲକ୍ଷେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ତାଙ୍କର ଘନିଷ୍ଠ ବନ୍ଧୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକୃଷ୍ଣ ପତି, ରାଜେନ୍ଦ୍ର ସିଂହ, ସଞ୍ଜୟ ନାୟକ, ସମାଜ ସେବୀ ଗଣେଶ୍ୱର ସାମଲ, ଅବସର ପ୍ରାପ୍ତ ଏବିଡିଓ ରବିନାରାୟଣ ପରିଡା, ଅବସର ପ୍ରାପ୍ତ ବିଇଓ ରମାକାନ୍ତ ମହାନ୍ତି, ଅବସପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ପତି ଝିଅ ଅର୍ଚ୍ଚନା ପ୍ରମୁଖ ଉପସ୍ଥିତ ରହି ତାଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ଶ୍ରୀଯୁକ୍ତ ପରିଡା ୧୯୮୧ମସିହାରେ ତାଙ୍କର ଚାକିରୀ ଜୀବନ ବୌଦ୍ଧ ଜିଲ୍ଲାରେ ଆରମ୍ଭ କରିଥିବା ବେଳେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସୂଚାରୁ ରୁପେ କାମକରି ଶେଷରେ ବାଲେଶ୍ୱର ଜିଲ୍ଲା ବରହମପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦୨୧ମସିହାରେ ସ୍ୱାସ୍ଥ୍ୟ ନିରୀକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ ।

# ଫିରିଙ୍ଗିଆ ଟେକେରିଗୁଡା ଜଙ୍ଗଲରୁ ଟିଫିନ ବୋମା ସାମଗ୍ରୀ ଜବତ

କନ୍ଧମାଳ, ୦୧/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଂଚଳରୁ ଟିଫିନ ବୋମା ସାମଗ୍ରୀ ଜବତ ହୋଇଛି । ଏକ ଷ୍ଟିଲ ଟିଫିନ, ତାର, ବ୍ୟାଟେରୀ ଓ ସେଲୋଟେପ ଜବତ ହୋଇଛି । କିଛି ଜିଲେଟିନ ମଧ୍ୟ ମିଳିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ଫିରିଙ୍ଗିଆ ଥାନା ଅନ୍ତର୍ଗତ ସାଡ଼ିଙ୍ଗିଆ ପଂଚାୟତର କିଆମୁଣ୍ଡା ଗ୍ରାମ ନିକଟ ଟେକେରିଗୁଡା ଠାରେ ବିଏସଏଫ ଏବଂ ଏସଓଜି ଯବାନଙ୍କ ପକ୍ଷରୁ କୁମ୍ବିଂ ଅପରେସନ ଚାଲିଥିଲା । ଏତିକି ବେଳେ ଏକ ଗଛ ନିକଟରେ ଟିଫିନ ବୋମା ସାମଗ୍ରୀ ପଡି ରହିଥିବା ଦେଖିବାକୁ ମିଳିଥିଲା । ଟିଫିନ ବୋମା ପ୍ରସ୍ତୁତି ଚାଲିଥିବା ବେଳେ ସୁରକ୍ଷା ବାହିନୀ ପହଂଚିଯିବାରୁ ପ୍ରସ୍ତୁତକାରୀ ଜିନିଷ ଛାଡି ଦେଇ ଚାଲି ଯାଇଥିବା ଅନୁମାନ କରାଯାଉଛି । ପ୍ରକାଶ ଥାଉକି, କିଆମୁଣ୍ଡା ଅଂଚଳରେ ବିଗତ ଦିନରେ ମାଇନ ବିସ୍ଫୋରଣରେ ଜଣେ ସ୍ଥାନୀୟ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ । ଅପରପକ୍ଷରେ, ଗୁରୁବାର ଗୋଚ୍ଛାପଡା ଅଂଚଳରେ ମଧ୍ୟ ବହୁ ସଂଖ୍ୟକ ମାଓ ଲିଫଲେଟ ପଡିଥିବା ଦେଖିବାକୁ ମିଳିଥିଲା । ଏସବୁ ଘଟଣା ସମ୍ପୃକ୍ତ ଅଂଚଳରେ ମାଓବାଦୀଙ୍କ ଉପସ୍ଥିତି ଓ ଗତିବିଧିକୁ ପ୍ରମାଣିତ କରୁଛି । ସୁରକ୍ଷା ବାହିନୀ ପକ୍ଷରୁ ଏହି ଅଂଚଳରେ କମ୍ବିଙ୍ଗ ଅପରେସନ ଜାରି ରହିଛି ।

# ପିତଳରେ ପାନୀୟ ଜଳ ସଙ୍କଟ

ଗଞ୍ଜାମ, ୦୧/୦୯ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଶେରଗଡ ବ୍ଲକ ପିତଳ ଅଂଚଳରେ ପାନୀୟଜଳର ଘୋର ସଂକଟ ଦେଖା ଦେଇଛି ।ପ୍ରବଳ ଗ୍ରୀଷ୍ମ ଅନୁଭୂତ ସାଂଗକୁ ପାଇପ ଜଳ ଯୋଗାଣ ମାସକୁ ପାଂଚରୁ ଛଅ ଦିନ ବନ୍ଦ ରହିବା ଫଳରେ ଜନସାଧାରଣ ପାଣି ପାଇଁ ନାହିଁ ନଥିବା ଆସୁବିଧାର ସମ୍ମୁଖୀନ ହେଉଛନ୍ତି । ପିତଳ ବଜାର ହରିଜନ ଧୋବା ସାହିରେ ଏକ ପ୍ରକାଣ୍ଡ ପଥର କୂପ ଥିଲା । ଏହି କୂପଟି ଶତାଧିକ ପରିବାରର ଜଳକଷ୍ଟ ଦୂର କରୁଥିଲା । ତେବେ ସ୍ଥାନୀୟ ଜନସାଧାରଣ ଜିଲା ପ୍ରଶାସନ, ଶେରଗଡ ତହସିଲଦାର ଓ ବିଡିଓଙ୍କ ବାରଣ ସତ୍ୱେ ପୂର୍ବତନ ସରପଂଚ କୃଷ୍ଣଚନ୍ଦ୍ର ମଳିକ ଜନସାଧାରଣଙ୍କ ପ୍ରତି ପ୍ରତାରଣା କରି ଏହି କୂପଟିକୁ ପୋତିଦେବା ପରେ ଜଜନସାଧାରଣଙ୍କ ଦୁର୍ଦ୍ଦଶା ବୃଦ୍ଧି ପାଇଛି । ତୁରନ୍ତ ପିତଳ ପଂଚାୟତ ସରପଂଚ ରାମରାଘବ ପାତ୍ର, ସମିତିସଭ୍ୟ ଜନାର୍ଦ୍ଦନ ପାତ୍ର, ଶେରଗଡ ଚେୟାରମେନ କୃଷ୍ଣଚନ୍ଦ୍ର ନାୟକ ଓ ବିଡିଓଏହି ଘଟଣାର ଅନୁଧ୍ୟାନ କରି ପିତଳବଜାର ଧୋବାସାହି ଚିତ ବିନୋଦନ କେନ୍ଦ୍ର ସମ୍ମୁଖରେ ଏକ ନଳକୂପ ଖନନ କଲେ ଏ ଅଂଚଳର ଜନସାଧାରଣଙ୍କ ପାନୀୟଜଳ କଷ୍ଟ ଦୂର ହେବ ବୋଲି ଜନମତ ପ୍ରକାଶ ପାଉଛି ।

CMYK

ଶନିବାର, ସେପ୍ଟେମ୍ବର ୦୨, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ପାଣି ସମସ୍ୟା ନେଇ ରାଜ ରାସ୍ତାରେ ଧାରଣା ଦେଲେ ଗ୍ରାମବାସୀ



ନୀଳଗିରି, ୦୧/୦୯ (ନି.ପ୍ର): ଦୀର୍ଘ ତିନି ମାସ ଧରି ପ୍ରଶାସନ ଓ ସରପଞ୍ଚଙ୍କୁ ଗୁହାରି କରିଥିଲେ ମଧ କେହି ଶୁଣି ନଥିଲେ। ଶେଷରେ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇଲେ ଗ୍ରାମବାସୀ।ଏଭଳି ଘଟଣା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ଗୋହିରା ଛକ ନିକଟରେ ଦେଖାଦେଇଛି। ଗରା, ବାଲ୍ଟି ଧରି ରାଜରାସ୍ତାକୁ ଓହ୍ଲାଇଛନ୍ତି ଶତାଧିକ ଗ୍ରାମବାସୀ। ସୂଚନା ମୁତାବକ ଗୋହିରା ପମ୍ପଘର ଅଧୀନରେ ତେଲିପାଳ ପଞ୍ଚାୟତର ଗୋହିରା, ପୋଲସାହି ଓ ତୋଟାସାହିର ଶତାଧିକ ପରିବାର ଉକ୍ତ ପମ୍ପ ଉପରେ ନିର୍ଭରଶୀଳ । ହେଲେ ୩ ମାସଧରି ପମ୍ପ ପୋଡିଯିବା କାରଣରୁ ଲୋକମାନେ ଟୋପାଏ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ।ଏ ବାବଦରେ ସ୍ଥାନୀୟ ସରପଞ୍ଚ ଓ ଅନ୍ୟ ନେତାମାନଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନଥିଲା। ଗ୍ରାମର ଶତାଧିକ ମହିଳା ବାଧ ହୋଇ ଗରା ,ବାଲ୍ଟି ଧରି ଶେରଗଡ ଝରଣଘାଟୀ ୧୯ ନଂ ରାଜ୍ୟ ରାଜପଥରେ ଧାରଣା ଦେଇଛନ୍ତି। ଫଳରେ ଶତାଧିକ ସ୍କୁଲ ,କଲେଜ ଓ ଯାତ୍ରୀ ମାନଙ୍କ ଯାତାୟତ ବାଧାପ୍ରାପ୍ତ ହୋଇଛି । ଘଟଣା ସ୍ଥଳରେ ବରହମପୁର ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।ପାଣି ସମସ୍ୟା ଦୂର କରାନଗଲା ପର୍ଯ୍ୟନ୍ତ ଧାରଣରୁ ଉଠିବେନାହିଁ ବୋଲି କହିଛନ୍ତି ଧାରଣାକାରୀ । ଖବରପାଇ ନୀଳଗିରି ଉପଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ପରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଯନ୍ତ୍ରୀ ଘଟଣା ସ୍ଥଳରେ ପହଞ୍ଚି ଖୁବ ଶୀଘ୍ର ସମସ୍ୟା ର ସମାଧାନ କରିବାର ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଚିନ୍ତାରେ ନିଯୁକ୍ତି ହରାଇଥିବା ଚାଇଲ୍ଡଲାଇନ କର୍ମଚାରୀ

## ନ୍ୟାୟ ନମିଳିଲେ ପରିବାର ସହ ଧାରଣାରେ ବସିବେ




ଖଇରା, ୦୧/୦୯ (ନି.ପ୍ର): ସ୍ୱେଚ୍ଛାସେବୀ ସଙ୍ଗଠନ ତତ୍ୱାବଧାନରେ ଚାଲିଆସୁଥିବା ଚାଇଲ୍ଡ ଲାଇନ ସଂସ୍ଥା ପାଇଁ କେନ୍ଦ୍ର ସରକାରଙ୍କ ମହିଳା ଶିଶୁ ବିକାଶ ବିଭାଗ ନୁଆ ନିୟମ ଆଣିବା ପରେ ୧ତାରିଖରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ନିୟନ୍ତ୍ରଣକୁ ଯାଇଛି । ଯାହା ଫଳରେ ଜିଲାର କାର୍ଯ୍ୟରତ ସମସ୍ତ ସଦସ୍ୟ ନିଯୁକ୍ତି ହରାଇ ଚିନ୍ତାରେ ଅଛନ୍ତି । ଏବେ ସେପ୍ଟେମ୍ବର ୧ତାରିଖରୁ ନିଯୁକ୍ତି ହରାଇବା ପରେ ଏମାନଙ୍କ ଉପରେ ନିର୍ଭର କରି ଚଳୁଥିବା ପରିବାର ସଦସ୍ୟଙ୍କ ଚୁଲି ଜଳିନାହିଁ । ସରକାର ତୁରନ୍ତ ୨୩ବର୍ଷ ଧରି ନିରନ୍ତର ସେବା ଦେଇଆସିଥିବା କେବଳ ଖଇରା ନୁହେଁ ସାରାରାଜ୍ୟର ୫ଶହ ଯୁବତୀ ଯୁବକ ମାନେ ଚାକିରି ହରାଇ ମାନସିକ ଦୁଶ୍ଚିନ୍ତାରେ କାଳାତିପାତ କରୁଛନ୍ତି । ପ୍ରକାଶ ଯେ ବାଲ୍ୟ ବିବାହ ରୋକିବା,ଶିଶୁ ଶ୍ରମିକ ଉଦ୍ଧାର ଓ ଥଇଥାନ,ବେଆଇନ ଯୁବତୀ ଚାଲାଣ ରୋକିବା ଇତ୍ୟାଦି ସମ୍ବେଦନଶୀଳ କାର୍ଯ୍ୟ ଖଇରାର ଏକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ଚାଇଲ୍ଡ ଲାଇନ ୟୁନିଟ ଦ୍ୱାରା ସମ୍ପର୍ଣ୍ଣ ହେଉଥିଲା । ରାତି ହେଉ କି ଦିନ ହେଉ ଟୋଲ ଫ୍ରି ନମ୍ବର(୧୦୯୮)ରେ ଫୋନ ଆସିବା ମାତ୍ରେ କର୍ମଚାରୀ ମାନେ ଜିବନକୁ ବାଜି ଲଗାଇ ଦୁରଦୁରାନ୍ତ ସ୍ଥାନକୁ ଯାଇ ଉଦ୍ଧାର କାର୍ଯ୍ୟରେ ସାମିଲ ହେଉଥିଲେ। ଘଟଣାକ୍ରମେ କେନ୍ଦ୍ର ସରକାର ଚାଇଲ୍ଡ ଲାଇନ ଇଣ୍ଡିଆ ଫାଉଣ୍ଡେସନ ନିଷ୍ପତ୍ତିରେ ପରିବର୍ତ୍ତନ କରି ଚାଇଲ୍ଡଲାଇନକୁ ସ୍ୱେଚ୍ଛାସେବୀ ସଂଗଠନ ଅଧିନରୁ ଆଣି ଜିଲାସ୍ତରର ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନ୍ୟସ୍ତ କରିଛନ୍ତି । ପୁରୁଣା କର୍ମଚାରୀଙ୍କୁ ଛଟେଇ କରାଯିବା ନେଇ ଅଗଷ୍ଟ ୩୧ ତାରିଖରେ ପ୍ରକାଶିତ ଚିଠିରେ ଉଲ୍ଲେଖ କରାଯାଇଛି । ନ୍ୟାୟ ପାଇଁ କର୍ମଚାରୀ ମାନେ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିଭାଗ ସମେତ ଅଧିକାରୀ ମାନଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ସନ୍ତୋଷ ଜନକ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଯଦି ସରକାର ଏ ସମ୍ପର୍କରେ ପୁରୁଣାରୁ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାନଯାଏ ତେବେ କର୍ମଚାରୀ ମାନେ ପରିବାର ସହ ଧାରଣାରେ ବସିବେ ବୋଲି ଖଇରାରେ କାର୍ଯ୍ୟରତ ଟିମ ଲିଡର ତପସ୍ୱିନୀ ରାଉତ,ଟିମର ସଦସ୍ୟା ସାୟଂପ୍ରଭା ଦଳେଇ,ଜ୍ୟୋତି ପ୍ରକାଶ କର, ପଞ୍ଚାନନ ତ୍ରିପାଠୀ ଓ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ସ୍ୱାଧିନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ପରଲୋକ : ଜଳେଶ୍ୱରରେ ଶୋକ

ଜଳେଶ୍ୱର , ୦୧/୦୯ (ନି.ପ୍ର): ସ୍ୱାଧିନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ସେନାପତିଙ୍କ ଗତକାଲି ଭୋର ୪ଟାରେ ୧୦୪ବର୍ଷ ବୟସରେ ପରଲୋକ ଘଟିଛି । ଫଳରେ ଜଳେଶ୍ୱର ଅଂଚଳରେ ଶୋକର ଛାୟା ଖେଳି ଯାଇଛି । ବାରିପଦାରେ ରହୁଥିବା ପୁତ୍ରଙ୍କ ଘରେ ତାଙ୍କର ଜନ୍ମ ଦିନ ପାଳନ ହେଉଥିବା ବେଳେ ହଠାତ୍ ଅସୁସ୍ଥ ହୋଇଯାଇଥିଲେ। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କଲାପରେ ଆଜି ନିଜ ବାସସ୍ଥାନ ଶାନ୍ତିଆ ଗ୍ରାମକୁ ଅଣାଯାଇଥିଲା । ଷ୍ଟେସନବଜାର ଠାରୁ ଏକ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା । ଶେଷରେ ବଡପୁଅ ଇଂ ଚିତ୍ତରଂଜନ ସେନାପତି ଗ୍ରାମ ଶ୍ମଶାନରେ ମୁଖାଗ୍ନି ଦେଇଥିବା ବେଳେ ପୁତ୍ର ପ୍ରାଧ୍ୟାପକ ସତ୍ୟରଂଜନ ସେନାପତି, ସମାଜସେବୀ ସିତାଂଶୁ ସେନାପତି, ପ୍ରାଧ୍ୟାପକ ଡ. ଲଳିତ ରଂଜନ ସେନାପତି, ପ୍ରାକ୍ତନ ଅଧ୍ୟକ୍ଷ ନଳିନୀ ରଂଜନ ସେନାପତି, ଅଧ୍ୟକ୍ଷ ସରୋଜ ରଂଜନ ସେନାପତି ଝିଅ ମନୋରମା ଗିରି, ଗୀତା ସେନ୍ ଓ ସଂଯୁକ୍ତା ପ୍ରଧାନ, ପୁତ୍ରବଧୂ ଓ ନାତିନାତୁଣିମାନେ ଉପସ୍ଥିତ ଥିଲେ । ସେ ୧୯୨୦ ମସିହା ଅଗଷ୍ଟ ୧୪ ତାରିଖରେ ଜନ୍ମ ଲାଭ କରିଥିବା ପୂର୍ଣ୍ଣଚନ୍ଦ୍ର୧୯୩୬ ମସିହାରେ ମହାତ୍ମାଗାନ୍ଧିଙ୍କ ଆହ୍ୱାନରେ ଅନୁପ୍ରାଣିକ ହୋଇ ସୁତାକାଟା ଅଭିଯାନରେ ସାମିଲ ହୋଇଥିଲେ । ୧୯୪୬ରେ ହରିଜନ ଆନ୍ଦୋଳନରେ ସାମିଲ ହୋଇ 'ଅଛୁଆଁ କିଏ' କବିତା ଓ ପରେ ବାପୁଜୀ ନାମକ କବିତା ରଚନା କରି ଚର୍ଚ୍ଚିତ ହୋଇଥିଲେ । ଭୂଦାନ ଆନ୍ଦୋଳନରେ ନିଜକୁ ସାମିଲ କରାଇ ନିଜର ପରିଚୟ ସୃଷ୍ଟି କରିଥିଲେ । ପରବର୍ତ୍ତି ସମୟରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ 'ଅଭିପ୍ସା' ଓ 'ଆସ୍ପୃହା' ପୁସ୍ତକ ରଚନା କରିଥିଲେ । ୨୦୨୨ ମସିହାରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶିଲାଲ ତାଙ୍କର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ଲାଗି ସମ୍ବର୍ଦ୍ଧିତ କରିଥିଲେ । ଜଳେଶ୍ୱର ଅଂଚଳର ହଜାର ହଜାର ଲୋକ ତାଙ୍କର ଶେଷ ଦର୍ଶନ କରିଛନ୍ତି ।

# ମାଆ ଓ ପୁଅକୁ ହତ୍ୟା ଉଦ୍ୟମ ଘଟଣା: ମାମଲା ରୁଜୁ ନ କରି ପୋଲିସ ଚୁପ



ବସ୍ତା, ୦୧/୦୯ (ନି.ପ୍ର): ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ହବିଗଞ୍ଜ ଗ୍ରାମର ମାଆ, ପୁଅକୁ ହତ୍ୟା ଉଦ୍ୟମ ଘଟଣାକୁ ତିନି ଦିନ ବିତିଗଲାଣି । ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରି ଚୁପ ବସିବା ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ସନ୍ଦେହ ସୃଷ୍ଟି ହୋଇଛି । ଅପରପକ୍ଷରେ ଆହତ ମାଆ, ପୁଅ ଜିଲା ମୁଖ୍ୟ ଚିକିତ୍ସାଳୟ ରେ ଚିକିତ୍ସାଧୀନ ଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ,ଗତ ଅଗଷ୍ଟ ୩୦ ତାରିଖରେ ଏହି ଗ୍ରାମର ବିକାଶ ଦଳେଇ ଜଣେ ସହଯୋଗୀକୁ ବସାଇ ବାଇକରେ ଯାଉଥିବା ବେଳେ ଅଭିଯୋଗକାରୀ ଭାସ୍କର ସାହୁଙ୍କ ଛେଳିକୁ ଚପାଇଦେଇଥିଲେ । ଏହି କଥାକୁ କେନ୍ଦ୍ର କରି ବିକାଶ ଦଳେଇ ଓ ତାଙ୍କ ମାଆ ଆସି ଭାସ୍କର ସାହୁଙ୍କ ଘରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଭାସ୍କରଙ୍କ ପୁଅ ବଳଭଦ୍ର ପ୍ରତିବାଦ କରିବାରୁ ବିକାଶ ଓ ତାଙ୍କ ମାଆ ଉତ୍ତେଜିତ ହୋଇ ବଳଭଦ୍ର ଓ ତାଙ୍କ ମାଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏକ ବାଉଁଶ ଠେଙ୍ଗାରେ ପିଟି ବଳଭଦ୍ରଙ୍କ ହାତ ଭାଙ୍ଗିଦେଇ ହତ୍ୟା ଉଦ୍ୟମ କରିଥିଲେ । ଗାଁ ଲୋକେ ପହଞ୍ଚିଯିବାରୁ ସେମାନେ ଚମ୍ପଟ ମାରିଥିଲେ । ଆହତ ମାଆ, ପୁଅଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ଅବସ୍ଥାରେ ଗୁରୁତର ହେବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅଭିଯୋଗକାରି ସେହିଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମାତ୍ର ପୋଲିସ କୌଣସି ମାମଲା ରୁଜୁ ନ କରି ଚୁପ ବସିଛି । ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଆଇନ ବ୍ୟବସ୍ଥା ଏକରକମ ଭୁଶୁଡି ପଡିଛି । ନ୍ୟାୟ ନ ମିଳିଲେ ପରିବାର ଲୋକେ ଏସପିଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

# ମାଛଧରା ବୋଟ୍‌ରେ ଅଜଣା ଯୁବକ-ପୋଲିସ୍‌ର ଅନୁସନ୍ଧାନ ଜାରି




ପାରାଦୀପ, ୦୧/୦୯ (ନି.ପ୍ର): ଗୁରୁବାର ବିଳମ୍ବିତ ରାତିରେ ପାରାଦୀପ ଠାରୁ ୭୨ ନଟିକାଲ୍ ମାଇଲ୍ ଦୂର ଚିଲିକା ନିକଟରେ ଓମ ନମଃ ଶିବାୟ ନାମକ ଏକ ମାଛଧରା ବୋଟ୍‌କୁ ଜଣେ ଅଜଣା ଯୁବକ ହଠାତ୍ ଚଢି ଯାଇଥିଲେ । ତାଙ୍କୁ ଦେଖି ବୋଟ୍‌ରେ ଥିବା ମତ୍ସ୍ୟଜୀବୀମାନେ ଛାନିଆ ହୋଇଯାଇଥିଲେ । ମତ୍ସ୍ୟଜୀବୀମାନେ ନିକଟରେ ଥିବା ଅନ୍ୟ ମାଛଧରା ବୋଟ୍‌କୁ ଖବର ଦେଇଥିଲେ । ସେହି ଅଜଣା ଯୁବକଙ୍କୁ ଧରି ମାଛଧରା ବୋଟ୍‌ଟି ଶୁକ୍ରବାର ଦିନ ପୂର୍ବାହ୍ନରେ ପାରାଦୀପ ମାଛଧରା ବନ୍ଦରରେ ପହଂଚିଛି । ପାରାଦୀପ ମେରାଇନ୍ ପୋଲିସ୍ ସଂପୃକ୍ତ ସନ୍ଦିଗ୍ଧ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିବା ପରେ ମେରାଇନ୍ ଥାନାକୁ ନେଇ ଅନୁସନ୍ଧାନ ଆରମ୍ଭ କରିଛି । ବୋଟ୍‌ରେ ଥିବା ମତ୍ସ୍ୟଜୀବୀମାନେ କହିଛନ୍ତି ଶୁକ୍ରବାର ବିଳମ୍ବିତରେ ପାରାଦୀପ ଠାରୁ ୭୨ ନଟିକାଲ୍ ମାଇଲ୍ ଚିଲିକା ନିକଟରେ ଜାଲ ଉଠାଇ ସାରିବା ପରେ ଲଙ୍ଗର ପକାଇ ରହିଥିଲେ । ହଠାତ୍ ଜଣେ ଅଚିହ୍ନା ଯୁବକ ଲଙ୍ଗରର ରଶି ଧରି ବୋଟ୍ ଉପରକୁ ଉଠି ଆସିଥିଲେ । ତାଙ୍କର ଦେହରେ କୌଣସି ପୋଷାକ ନଥିଲା । ବୋଟର କର୍ମଚାରୀମାନେ ତାଙ୍କୁ ଅନ୍ୟ କୌଣସି ବୋଟ୍‌ର କର୍ମଚାରୀ ଭାବି ପଚାରାଉଚରା କରିଥିଲେ । ପାରାଦୀପରେ ଶୁକ୍ରବାର ଦିନ ପାରାଦିପ ମାଛଧରା ବନ୍ଦରରେ ପହଂଚିବା ପରେ ସଂପୃକ୍ତ ଯୁବକ ଜଣକ ତାଙ୍କ ଘର ଝାଡଖଣ୍ଡ ଅଂଚଳରେ ବୋଲି ଜଣାପଡିଛି । ତାଙ୍କ ନିକଟରୁ ଏକ ଏଟିଏମ୍ କାର୍ଡ ଜବତ କରାଯାଇଛି । ଭାରତୀୟ ତଟରକ୍ଷୀ ବାହିନୀ ଓ ପାରାଦୀପ ମେରାଇନ୍ ପୋଲିସ୍ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇଛି ।

# ରେଲୱେ ବୋର୍ଡ଼ର ଅଧକ୍ଷ ଓ ସିଇଓ ଭାବେ କାର୍ଯ୍ୟଭାର ସମ୍ଭାଳିଲେ ଜୟା ବର୍ମା ସିହ୍ନା

ନୂଆଦିଲ୍ଲୀ, ୦୧/୦୯ (ନି.ପ୍ର): ଭାରତୀୟ ରେଲୱେ ପରିଚାଳନା ସେବା (ଆଇଆରଏମଏସ)ର ସଦସ୍ୟ (ସଂଚାଳନ ଏବଂ ବ୍ୟବସାୟ ବିକାଶ) ଜୟା ବର୍ମା ସିହ୍ନା ଶୁକ୍ରବାର ରେଲୱେ ବୋର୍ଡ଼ର ଅଧକ୍ଷ ଏବଂ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ (ସିଇଓ) ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ସେ ଭାରତୀୟ ରେଲୱେର ୧୬୬ ବର୍ଷର ଇତିହାସ ସହିତ ରେଲୱେ ବୋର୍ଡ଼ର ୧୬୬ ବର୍ଷର ଇତିହାସରେ ଏହି ଦାୟୀତ୍ୱ ଗ୍ରହଣ କରିଥିବା ପ୍ରଥମ ମହିଳା ଅଟନ୍ତି । କ୍ୟାବିନେଟ ର ନିଯୁକ୍ତି କମିଟି (ଏସିସି) ଜୟା ବର୍ମା ସିହ୍ନାଙ୍କୁ ଗୁରୁବାର ରେଲୱେ ବୋର୍ଡ଼ର ଅଧକ୍ଷ ଓ ସିଇଓ ପଦରେ ନିଯୁକ୍ତି ନେଇ ମଞ୍ଜୁରୀ ଦେଇଥିଲା ।

# ଖଇରା ବିଡିଓଙ୍କୁ କୃଷକସଭାର ୧୮ଦଫା ଦାବିପତ୍ର ପ୍ରଦାନ

ଖଇରା, ୦୧/୦୯ (ନି.ପ୍ର): କୃଷି ଓ କୃଷକର ଉନ୍ନତି ପାଇଁ ଅଖିଳ ଭାରତୀୟ କୃଷକସଭା ଖଇରା ଜୋନ କମିଟି ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଇରା ବିଡିଓ ୧୮ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରାଯାଇଛି । ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ଚାଷୀକୁ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୁଲ୍ୟ ପ୍ରଦାନ,କୃଷି ଉପକରଣ ମୁଲ୍ୟହ୍ରାସ,ବିଦ୍ୟୁତ ସଂଶୋଧନ୨୦୨୨କୁ ପ୍ରତ୍ୟାହାର,ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଭରଣା ପାଇଁ କୃଷକ ସପକ୍ଷବାଦୀ ଫଳପ୍ରଦ ଫସଲବୀମା ଯୋଜନା ପ୍ରଚଳନ କରିବା,ଐତିହାସିକ ଚାଷୀ ଆନ୍ଦୋଳନରେ ପ୍ରାଣହରାଇଥିବା ପରିବାରକୁ କ୍ଷତିପୁରଣ ରାଶି ପ୍ରଦାନ,ମହତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜାନରେ ଦୈନିକ ମଜୁରୀ ୬ଶହ କରିବା,ପ୍ରତି ବ୍ଲକରେ ଅନ୍ୟୁନ ୨ଟି ଶିତଳ ଭଣ୍ଡାର ନିର୍ମାଣ କରିବା,ଷଣ୍ଢ ଓ ବୁଲା ଗୋରୁଗାଈଙ୍କ କବଳରୁ ଚାଷୀର ଫସଲ ରକ୍ଷା ପାଇଁ ପ୍ରତି ପଞ୍ଚାୟତରେ ଗୋଶାଳା କୋଲିବା ଇତ୍ୟାଦି ଦାବୀ ପୁରଣ ପାଇଁ ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ଅଖିଳ ଭାରତ କୃଷକସଭାର ରାଜ୍ୟସଭ୍ୟ ଭାଗବତ ପ୍ରତିହାରୀ,ଖଇରା କମିଟି ସଭାପତି ସନ୍ତୋଷ ବିଶ୍ୱାଳ, ଉଦୟନାଥ ପଣ୍ଡା, ମନ୍ମଥନାଥ ଯେନା, ରାମଚନ୍ଦ୍ର ଦାସ, ଗୋବିନ୍ଦ ଚନ୍ଦ୍ର ପଣ୍ଡା ପ୍ରମୁଖ ଦାବୀପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତି ପାଳିତ



ସମ୍ବଲପୁର, ୦୧/୦୯ (ନି.ପ୍ର): ଧନକଉଡ଼ା ବରିଷ୍ଠ ନାଗରିକ ପରିଷଦ ଭବନ ପରିସରରେ ଗଂଗାଧର ମେହେର ଜୟନ୍ତୀ ପାଳନ କରାଯାଇଛି । ଏହି ସଭାରେ ପରିଷଦର ସଭାପତି ପ୍ରଫେସର ଗିରିଜା ଶଂକର ଶର୍ମା ସଭାପତିତ୍ୱ କରିଥିବାବେଳେ ପ୍ରଫେସର କାମଦେବ ସାହୁ ମୁଖ୍ୟ ଅତିଥି ଅରୁଣ କୁମାର ରାୟ, ଉପସଭାପତି ଅଭିମନ୍ୟୁ ସାହୁ ସଂପାଦକ ସଚ୍ଚିଦାନନ୍ଦ ପ୍ରଧାନ କୋଷାଧକ୍ଷ 'ମଂଚାସୀନ ଥିଲେ । ମୁଖ୍ୟ ଅତିଥି ଗଂଗାଧର ମେହେରଙ୍କ କାଳଜୟୀ ସାହିତ୍ୟ ଇଂଦୁମତିରୁ ଧିରେ ଧିରେ କୀବଚବଧ ଦେଇ ତେଜସ୍ୱୀନରେ କିପରି ଉତ୍କର୍ଷ ଲାଭ କରିଛି ତାହାର ଉଦାହରଣ ସହିତ ଉପସ୍ଥାପିତ କରିଥିଲେ । ଗଂଗାଧର ମେହେର ଆମକୁ ଅହଂ ପରିତ୍ୟାଗ କରି ଶାନ୍ତିମୟ ଜୀବନଯାପନ କରିବା ପାଇଁ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି ବୋଲି ଦର୍ଶାଇଥିଲେ । ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ନିମନ୍ତ୍ରିତ ଅତିଥି ଶ୍ରୀଯୁକ୍ତ ଗଣେଶରାମ ନାହାକ ଗଂଗାଧରଙ୍କ ପ୍ରଗାଢ଼ ଭାଷାପ୍ରେମ ଉପରେ ସମ୍ୟକ୍ ଆଲୋଚନା କରିଥିଲେ । ପରିଷଦର ଶ୍ରୀଯୁକ୍ତ ଧନେଶ୍ୱର ମେହେର ସଭା ପରିଚାଳନା କରିଥିଲେ ଓ ଶେଷରେ ଶ୍ରୀ ଅରୁଣ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଅରକ୍ଷିତ ଦଳେଇ, ଇନ୍ଦ୍ରମଣି ମୁଣ୍ଡା, ରାମ ନାରାୟଣ ପାଢ଼ୀ, ରବିନାରାୟଣ ମିଶ୍ର, ଯୁଧିଷ୍ଠିର ମହାକୁଡ଼, କାମିନି ମୋହନ ଶର୍ମା ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।

ନାମଲେଖା ଚାଲିଛି ନାମଲେଖା ଚାଲିଛି

## ବିବେକାନନ୍ଦ ଶିକ୍ଷା କେନ୍ଦ୍ର

### ବଳଭଦ୍ରପୁର, କୁଣ୍ଡାବାଇ, ମୟୂରଭଂଜ

### ଶିକ୍ଷାବର୍ଷ - ୨୦୨୩-୨୪

ରାଜ୍ୟ ସରକାରଙ୍କ ସ୍ୱିକୃତି ପ୍ରାପ୍ତ ଏହି ଅନୁଷ୍ଠାନରେ ୧ମ ଶ୍ରେଣୀ ରୁ ୫ମ ଶେଣୀ ପର୍ଯ୍ୟନ୍ତ ନାମ ଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ର ଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦିଷ୍ଟ । ଯେଉଁ ମାନଙ୍କର ବାସସ୍ଥାନ ବିଦ୍ୟାଳୟ ଠାରୁ ୧ କିମି ଦୂରତା ମଧରେ ହୋଇଥିବ ଉକ୍ତ ପିଲା ମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଆବଶ୍ୟକ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ନେଇପାରିବେ ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
କୁଣ୍ଡାବାଇ, ଉଦଳା, ମୟୂରଭଂଜ

ଯୋଗାଯୋଗ - ୯୩୩୭୦୯୨୨୦୨/ ୮୦୧୮୯୮୨୩୦୮

# ଶ୍ରୀମନ୍ଦିରରେ ପୁଣି ଆରମ୍ଭ ହୋଇପାରେ ପାରିମାଣିକ ଟିକେଟ୍ ଦର୍ଶନ

ପୁରୀ, ୦୧/୦୯ (ନି.ପ୍ର): ଶ୍ରୀମନ୍ଦିରରେ ପୁଣି ଆରମ୍ଭ ହୋଇପାରେ ପାରିମାଣିକ ଟିକେଟ୍ ଦର୍ଶନ ବ୍ୟବସ୍ଥା । ଶ୍ରୀମନ୍ଦିର କାର୍ଯ୍ୟାଳୟର ଅର୍ଥ ସବକମିଟି ଏନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛି । ତେବେ ସେବାୟତଙ୍କ ପ୍ରସ୍ତାବ ଯେ, ଭିତର କାଠ ପର୍ଯ୍ୟନ୍ତ ଦର୍ଶନକୁ ଦେୟମୁକ୍ତ କରାଯାଉ । ସେହିପରି ଟିକେଟ୍ କରି ଗର୍ଭଗୃହରେ ଦର୍ଶନ ବ୍ୟବସ୍ଥା କରିବାକୁ ମତ ଦେଇଛନ୍ତି ସେବାୟତ । ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପ୍ରସ୍ତାବ ଗୃହିତ ହେବା ପରେ ଏହା ଲାଗୁ ହୋଇପାରେ ବୋଲି ଜଣାପଡିଛି ।

# ଗୋଠଗଡ଼ିଆରେ ଘରପୋଡି: ବହୁ ଆସବାବପତ୍ର ନଷ୍ଟ, ଗାଈ ଜୀବନ୍ତ ଦଗ୍ଧ

ବସ୍ତା, ୦୧/୦୯ (ନି.ପ୍ର): ବସ୍ତା ଥାନା ଅନ୍ତର୍ଗତ ଦୁଧହଂସା ପଞ୍ଚାୟତ ର ଗୋଠଗଡ଼ିଆ ଗାଁରେ ଅଗ୍ନିକାଣ୍ଡ ଘଟି ଘର ପୋଡି ଯାଇଥିବା ବେଳେ ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛି ।ଗତ କାଲି ବିଳମ୍ବିତ ରାତିରେ ବିଦ୍ୟୁତ ସଟ ସର୍କିଟ ହୋଇ ସନ୍ୟାସୀ ବିଶ୍ୱାଳ ଓ ହରେକୃଷ୍ଣ ବିଶ୍ୱାଳଙ୍କ ର ଘର ସମ୍ପୂର୍ଣ୍ଣ ରୂପେ ଜଳିଯାଇଛି ।ବିଶ୍ୱାଳ ପରିବାର ର ଗୋଟିଏ ବାଇକ ପୋଡ଼ି ଯିବା ସହ ଘରୋଇ ଆସବାବପତ୍ର ମଧ ଜଳିଯାଇଛି। କେବଳ ପିନ୍ଧା ଲୁଗା ବ୍ୟତୀତ ଧାନ ,ଚାଉଳ ପ୍ରଭୃତି ସେମାନେ ସବୁ କିଛି ହରାଇଛନ୍ତି ।ସେମାନଙ୍କ ପରିବାର କୁ ସରକାରୀ ସାହାଯ୍ୟ ପାଇଁ ଗାଁ ଲୋକେ ଦାବି କରିଛନ୍ତି ।ଖବର ପାଇ ବସ୍ତା ଦମକଳ କେନ୍ଦ୍ର ପକ୍ଷରୁ କର୍ମଚାରୀ ମାନେ ଯାଇ ଉଦ୍ଧାର କାର୍ଯ୍ୟ କରିବା ସହିତ ପଡୋଶୀ ଘର ଗୁଡ଼ିକୁ ରକ୍ଷା କରିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo